ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 20 ♦ CUTTACK ♦ WEEKLY ♦ 18 TO 24- MAY 2026♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୨୦ ♦ କଟକ♦ ସାପ୍ତାହିକ ♦ ୧୮ ରୁ ୨୪-ମଇ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ମୋହନ ସରକାର ପାଳିବେ ୨ ବର୍ଷ ପୂର୍ତ୍ତି ଉତ୍ସବ

# ଯୋଗଦେବେ ପ୍ରଧାନମନ୍ତ୍ରୀ





**ଭୁବନେଶ୍ୱର(ଏନ୍.ଏମ୍.) :** ଜୁନ୍ ମାସରେ ରାଜ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଠନ କରିବାର ଦୁଇ ବର୍ଷ ପୂର୍ତ୍ତି ହେଉଛି । ଏହି ଅବସରରେ ଜୁନ୍ ୧୨ରୁ ୨୧ ତାରିଖ ଯାଏଁ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବ । ତେବେ ଏହି କାର୍ଯ୍ୟକ୍ରମ ସମସ୍ତଙ୍କୁ ନିରାଡମ୍ବର ଭାବେ ପାଳନ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖି ଉନ୍ନୟନ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପରାମର୍ଶ ଦେଇଛନ୍ତି । ଏନେଇ ଗୁରୁବାର ଲୋକସେବା ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ । ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥିପାଇଁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ । ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ । ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଟାର୍ଗେଟ୍ ଲିଷ୍ଟ ରେଡ୍ଡୀ, ଇରାନ ଉପରେ ଆସନ୍ତା ସପ୍ତାହରେ ଆକ୍ରମଣ କରିବେ ଟ୍ରମ୍ପ-ନେତାନ୍ୟାହୁ



**ନୂଆଦିଲ୍ଲୀ (ଏଜେନ୍ସି) :** ଇରାନ-ଆମେରିକା ଉତ୍ତେଜନା ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସୁଛି । ଆଉ ୭ ଦିନ ମଧ୍ୟରେ ଇରାନ ଉପରେ ହେବ ବଡ଼ ଆକ୍ରମଣ । ଟାର୍ଗେଟ୍ ଲିଷ୍ଟ ପ୍ରସ୍ତୁତ ସରିଛି । ଆମେରିକା ଏବଂ ଇସ୍ରାଏଲୀ ସାମରିକ ଅଧିକାରୀମାନେ ଇରାନ ଉପରେ ସମ୍ଭାବ୍ୟ ଆକ୍ରମଣ ପାଇଁ ଲକ୍ଷ୍ୟସ୍ଥଳଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରୁଛନ୍ତି । ସିଏନଏନ ରିପୋର୍ଟ କରିଛି ଯେ, ଦୁଇ ଦେଶ ଖୁବ୍ ଶୀଘ୍ର ଇରାନ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପୁନର୍ବାର ଆରମ୍ଭ କରିବାକୁ ଯୋଜନା କରୁଛନ୍ତି । ଇସ୍ରାଏଲୀ ସାମରିକ ବାହିନୀ ଏବଂ ଆମେରିକା କେନ୍ଦ୍ରୀୟ କମାଣ୍ଡ ମିଳିତ ଭାବରେ ପ୍ରମୁଖ ଇରାନୀ ଲକ୍ଷ୍ୟସ୍ଥଳଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଜରୁରୀକାଳୀନ ବୈଠକ କରିଛନ୍ତି । ଆସନ୍ତା ସପ୍ତାହ ସୁଦ୍ଧା ଆକ୍ରମଣ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଦ୍ରୁତ ଗତିରେ ଚାଲିଛି । ଏପ୍ରିଲ ୮ରେ ଲାଗୁ ହୋଇଥିବା ଅସ୍ତ୍ରବିରତି ବର୍ତ୍ତମାନ ଜୀବନ ସହାୟକରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►


## ତେଜିବ ଦରଦାମ,ବିଗିଡ଼ିଯିବ ସାଧାରଣ ଜନତାଙ୍କ ବଜେଟ ଗଣିତ; କିମି ପିଛା ୧୦ଟଙ୍କା ବଢ଼ିଲା ମାଲ ପରିବହନ ଭଡ଼ା



**ନୂଆଦିଲ୍ଲୀ (ଏଜେନ୍ସି) :** ଇରାନ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବଡ଼ ବୃଦ୍ଧି ଘଟିଛି । ବ୍ୟାରେଲ ପିଛା ଏହା ୧୦୦ ଡଲାର ପାର୍ । ଏହାର ସିଧା ପ୍ରଭାବ ଘରୋଇ ବଜାର ଉପରେ ପଡ଼ିଛି । ପେଟ୍ରୋଲ ଏବଂ ଡିଜେଲ ଦର ୩ ଟଙ୍କା ଲେଖାଏଁ ବଢ଼ିଛି । ଅନୁମାନ କରାଯାଉଛି, ଆଗାମୀ ଦିନରେ ଦର ଆହୁରି ବଢ଼ିବ । ପେଟ୍ରୋଲ ଡିଜେଲ ଦର ବୃଦ୍ଧି ପରେ ଆଉ ଏକ ଝଟ୍କା ଦେଇଛି ସର୍ବଭାରତୀୟ ମୋଟର ପରିବହନ କଂଗ୍ରେସ (ଏଆଇଏମଟିସି) । ଡିଜେଲ ଦର ବୃଦ୍ଧିକୁ ଆଖି ଆଗରେ ରଖି ଏହା ମାଲ ପରିବହନ ଭଡ଼ା ବଢ଼ାଇବାକୁ ଘୋଷଣା କରିଛି । ସଂସ୍ଥା ଏହାର ସଦସ୍ୟମାନଙ୍କୁ ଏକ ପତ୍ର ଲେଖି ଜଣାଇଛି ଯେ, କିଲୋମିଟର ପିଛା ମାଲ ପରିବହନ ଭଡ଼ା ୧୦ଟଙ୍କା ବଢ଼ାଯିବ । ପ୍ରକାଶଯୋଗ୍ୟ, ଏଆଇଏମଟିସି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବର୍ତ୍ତମାନ ଓଡିଶାରେ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି : ଅଶ୍ୱିନୀ ବୈଷ୍ଣବ




**ଭୁବନେଶ୍ୱର(ଏନ୍.ଏମ୍.) :** ନୂତନ ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସର ଶୁଭାରମ୍ଭ ସମ୍ପର୍କରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି । ଏହି ଟ୍ରେନ ସେବା ପ୍ରଥମ ଥର ପାଇଁ ପୁରୀ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ ବୋଲି ରେଳ ମନ୍ତ୍ରୀ କହିଛନ୍ତି । ଏହି ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚାଲିବ । ଯାହା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନଙ୍କୁ ଯଥେଷ୍ଟ ଉପକୃତ କରିବ । ଏହି ସେବା ତୀର୍ଥଯାତ୍ରା, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ବ୍ୟବସାୟିକ ଯାତ୍ରା ପାଇଁ ସଂଯୋଗୀକରଣରେ ସୁଧାର ଆଣିବ, ବିଶେଷ କରି କେବିକେ ଅଞ୍ଚଳ ଏବଂ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ । ଓଡ଼ିଶାର ରେଳ ବିକାଶ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାଗଡ଼-

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ତରଭୁଜ ଖାଇ ନାବାଳକ ମୃତ ଘଟଣା : ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଯାଞ୍ଚ



**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** କେନ୍ଦ୍ରାପଡା କୁପୁଣି ଗାଁରେ ତରଭୁଜ ଖାଇ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ମୃତକଙ୍କ ଘରେ ପହଞ୍ଚି ଯାଞ୍ଚ କରିଛନ୍ତି । ଏକ ୭ ଜଣିଆ ଟିମ୍ ମୃତ ଶିଶୁ ସ୍ୱାଧୀନ ସେନାପତିଙ୍କ ଘରେ ପହଁଚି ବିଭିନ୍ନ ଖାଦ୍ୟ ପଦାର୍ଥ ଓ ରନ୍ଧା ଖାଦ୍ୟ ଯାଞ୍ଚ କରିଥିଲେ । ଘଟଣା ପୂର୍ବଦିନ ସମ୍ପୃକ୍ତ ପରିବାର ଖାଦ୍ୟରେ ପୋଇ ତରକାରୀ ଖାଇଥିବା ମେଡିକାଲ ଟିମ୍ ଜାଣିବାକୁ ପାଇଛି । ଅନ୍ୟପକ୍ଷରେ ଫୁଡ୍ ଇନ୍ସପେକ୍ଟରଙ୍କ ଏକ ଟିମ୍ ତରଭୁଜ କିଣାଯାଇଥିବା ଦୋକାନରେ ପହଞ୍ଚିଛି ତରଭୁଜ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇଛନ୍ତି । ମୃତ ଶିଶୁଙ୍କ ପରିବାରର ଅନ୍ୟ ୪ ଜଣ ଏବେବି ମେଡ଼ିକାଲ ରେ ଚିକିତ୍ସାଧିନ ଅଛନ୍ତି । ସୂଚନାଯୋଗ୍ୟ ଯେ କୁପୁଣି ଗାଁର ଅନନ୍ତ ସେନାପତି ଓ ତାଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅପରାଧୀଙ୍କୁ ପୁଲିସ ଡିଜିପିଙ୍କ ଚେତାବନୀ

## ଅପରାଧ ପାଇଁ ଚିନ୍ତା କରୁଥିଲେ ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହ



**ଭୁବନେଶ୍ୱର(ଏନ୍.ଏମ୍.) :** ସାବଧାନ ! ଏଣିକି ଅପରାଧୀଙ୍କ ଉପରେ ହେବ ଏହି ଭଳି ଆକ୍ସନ । ୨୪ ଘଣ୍ଟାରେ ଦୁଇଟି ପରେ ଏନକାଉଣ୍ଟର ପରେ ପେସାଦାର ଅପରାଧୀଙ୍କୁ ପୁଲିସ ମୁଖିଆଙ୍କ କଡ଼ା ଚେତାବନୀ । ଅପରାଧ ଘଟାଇବା ପାଇଁ ଯେଉଁମାନେ ଚିନ୍ତା କରୁଛନ୍ତି ବ୍ରହ୍ମପୁର ଓ ସମ୍ବଲପୁର ଭଳି ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ । ଗତ ୫ ଦିନ ମଧ୍ୟରେ ସାରା ରାଜ୍ୟରେ ୧୭ଶହ ୭୧ ଜଣଙ୍କୁ ଏନବିଡବ୍ଲୁ ଡ୍ରାଇଭ୍ କରାଯାଇଛି । ୬ ଜଣଙ୍କ ବିରୋଧରେ ଏନଏସଏ ଲଗାଯାଇଛି । ୫୦ରୁ ଉର୍ଦ୍ଧ ଫେରାର ଅପରାଧୀଙ୍କୁ ଗିରଫ କରାଯାଇଛି । ସେହିଭଳି ଗୁଇନ୍ଦା ଆଧାରରେ ଜେଲ୍ ଫେରାନ୍ତଙ୍କ ଉପରେ କଡ଼ା ନଜର ରଖା ଯାଇଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଏସପି ଗ୍ରାଉଣ୍ଡ ଜିରୋ ରେ କାର୍ଯ୍ୟ କରୁଛନ୍ତି । ନିଶାଦ୍ରବ୍ୟ ଚୋରା ଚାଲାଣ ଉପରେ କଡା ନଜର ରହିଛି । ଖଣିଜ ଚୋରା ଚାଲାଣକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉଛି । ଖଣି ମାଫିଆଙ୍କ ଉପରେ ନଜର ରହିଛି । ବେଆଇନ ଅସ୍ତ୍ର କାରବାର ରୋକିବାକୁ ୯ଟି ମାମଲା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରିଜର୍ଭ ବ୍ୟାଙ୍କ୍‌ର ବଡ଼ ଆକ୍ସନ


## ଦେଶର ୧୫୦ଏନ୍‌ବିଏଫ୍‌ସିଏସ୍ ସାର୍ଟିଫିକେଟ ରଦ୍ଦ




**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଅର୍‌ବିଆଇ)ର ବଡ଼ ଆକ୍ସନ । ରଦ୍ଦ କଲା ଦେଶର ୧୫୦ ନନ୍- ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନି (ଏନ୍‌ବିଏଫ୍‌ସିଏସ୍) ବା ଅଣ-ବ୍ୟାଙ୍କିଂ ଆର୍ଥିକ ସଂସ୍ଥାର ସାର୍ଟିଫିକେଟ । ବଡ଼ କଥା ହେଲା ଆରବିଆଇର ଏହି ଆକ୍ସନରେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି ଦିଲ୍ଲୀ ଏବଂ ପଶ୍ଚିମବଙ୍ଗରେ ପଞ୍ଜିକୃତ ହୋଇଥିବା ଏନ୍‌ବିଏଫ୍‌ସିଏସ୍ । ଆରବିଆଇର ତାଲିକାରେ ନୂଆଦିଲ୍ଲୀରେ ପଞ୍ଜିକୃତ ୬୭ ଏବଂ ପଶ୍ଚିମବଙ୍ଗରେ ପଞ୍ଜିକୃତ ୭୫ କମ୍ପାନିଙ୍କ ସାର୍ଟିଫିକେଟ ରଦ୍ଦ ହୋଇଛି । ରଦ୍ଦ ହୋଇଥିବା ସଂସ୍ଥାରେ ଅନେକ ଛୋଟ ଏବଂ ମଧ୍ୟମ ଆକାରର ଫାଇନାନ୍ସ ଏବଂ ଇନଭେଷ୍ଟମେଣ୍ଟ (ନିବେଶ) କମ୍ପାନି ଅଛନ୍ତି । ଏହି ନନ୍- ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନି ଲୋନ ଦେବା, ଲିଜ୍, ନିବେଶ ଏବଂ ଏହା ସହ ଜଡ଼ିତ ଆର୍ଥିକ କାରବାର କରୁଥିଲେ । ସେହିଭଳି ତାଲିକାରେ ତେଲେଙ୍ଗାନା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ବିହାର ଏବଂ ହରିୟାଣା ଭଳି ରାଜ୍ୟର କମ୍ପାନି ମଧ୍ୟ ରହିଛନ୍ତି । ସୂଚନାଥାଉକି, ନନ୍- ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନି ହେଉଛି ଏଭଳି ଆର୍ଥିକ ସଂସ୍ଥା ଯାହା ବ୍ୟାଙ୍କ ଭଳି ଲୋନ, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ଦେଇଥାନ୍ତି । ହେଲେ ସେମାନଙ୍କ ପାଖରେ ବ୍ୟାଙ୍କିଂ ଲାଇସେନ୍ସ ନଥାଏ । ଏମାନଙ୍କର କାରବାର ଆରବିଆଇ ଆକ୍ଟ ଅନୁସାରେ, ଆରବିଆଇ ଦ୍ୱାରା କରାଯାଇଥାଏ । ତେବେ ରେଜିଷ୍ଟ୍ରେସନ ରଦ୍ଦ ହେବାର ଅର୍ଥ ଏହି କମ୍ପାନି ଏବେ ଏନ୍‌ବିଏଫ୍‌ସିଏସ୍ ଭାବରେ କାମ କରିପାରିବେନାହିଁ କିମ୍ବା କୌଣସି ଆର୍ଥିକ କାରବାର କରିପାରିବେନି ।


## ଆରଟିଆଇରୁ ମିଳିଲା ଚାଞ୍ଚଲ୍ୟ ଜନକ ତଥ୍ୟ

# ଦୁର୍ନୀତିରେ ବୁଡ଼ି ରହିଛି ଚୌଦ୍ୱାର ପୌରପାଳିକା




**ଚୌଦ୍ୱାର(ଏନ୍.ଏମ୍.) :** ଦୁର୍ନୀତିର ଗନ୍ତାଘର ପାଲଟିଛି ଚୌଦ୍ୱାର ପୌରପାଳିକା । ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତିର ଛାପ ଦେଖିବାକୁ ମିଳିଛି । ବର୍ତ୍ତମାନ କାହିଁକି ବିଗତ ଦିନରେ ମଧ୍ୟ ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି । ଚୌଦ୍ୱାର ପୌରପାଳିକାରେ ହୋଇଥିବା ଦୁର୍ନୀତିର ଏକ ନମୂନା ଆରଟିଆଇ ତଥ୍ୟରୁ ଜଣାପଡ଼ିଛି । ପୌରପାଳିକା ଦ୍ୱାରା ୨୦୨୦-୨୧ ମସିହାରେ କୋଭିଡ ପାଇଁ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସୂଚନା କର୍ମୀ ମନୋଜ ସାହୁ ଯେଉଁ ତଥ୍ୟ ମାଗିଥିଲେ ସେଥିରେ ଆଖି ଖୋସି ହୋଇଯିବା ଭଳି ସୂଚନା ମିଳିଛି । ସେ ୨୦୨୩ ମସିହାରେ ସୂଚନା ଆଇନ ମାଧ୍ୟମରେ ପୌରପାଳିକାକୁ ଉକ୍ତ ଖର୍ଚ୍ଚର ହିସାବ ମାଗିଥିଲେ, ପୌରପାଳିକା ଏହାର ତଥ୍ୟ ନଦେବାରୁ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଶ୍ରୀ ସାହୁ ଅଭିଯୋଗ କରିଥିଲେ । ବର୍ତ୍ତମାନ ଏହାର ଶୁଣାଣି ଚାଲିଥିବାବେଳେ ଯେତିକି ତଥ୍ୟ ମିଳିଛି ତାହା ସମସ୍ତଙ୍କୁ ଚକିତ କରିଛି । ପୌରପାଳିକା ଦ୍ୱାରା କୋଭିଡ ସେଣ୍ଟରରେ ରହୁଥିବା ରୋଗୀମାନଙ୍କୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨ହଜାର ଟଙ୍କା ଦେବାପାଇଁ ଧାର୍ଯ୍ୟ ହୋଇଥିବାବେଳେ ବ୍ୟାଙ୍କ ମାଧ୍ୟମରେ ୧୨୮ଜଣଙ୍କୁ ଟଙ୍କା ଦିଆଯାଇଛି ; କିନ୍ତୁ ପୌରକର୍ମଚାରୀ ବିଚିତ୍ରାନନ୍ଦ ସ୍ୱାଇଁ ନିଜ ନାମରେ ଓ ବିଭିନ୍ନ ଲୋକଙ୍କ ନାମରେ ୧ଲକ୍ଷ ୩୮ହଜାର ଟଙ୍କା ରୋଗୀଙ୍କୁ ଦେବା ପାଇଁ ନିଜେ ନେଇଛନ୍ତି । ସେହିଭଳି ରାଜ୍ୟ /କେନ୍ଦ୍ର ସରକାରଙ୍କ ନିକଟରୁ ମାସ୍କ ଆସିଥିବାବେଳେ ୧୦ନମ୍ବର ୱାର୍ଡର ମା’ ବାସନ୍ତୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାସ୍କ ଦେବା ବାବତରେ ୧ଲକ୍ଷ ୨୦ ହଜାର ଟଙ୍କା ପୌରପାଳିକା ପ୍ରଦାନ କରିଛି । ସେହିଭଳି ଏକ ନିର୍ଦ୍ଦିଷ୍ଟ ହୋଟେଲରୁ ଖାଦ୍ୟ ଆଣିଥିବା ନେଇ ୩ ଲକ୍ଷ ୯୩ ହଜାର ୯୭୭ ଟଙ୍କା ପୌରପାଳିକା ପ୍ରଦାନ କରିଥିବା ଜଣାପଡ଼ିଛି । ଏନେଇ ସୂଚନା କମିଶନ ବିରକ୍ତି ପ୍ରକାଶ କରିଛନ୍ତି । ସବୁଠୁ ହାସ୍ୟାସ୍ପଦ କଥାହେଲା ହାର୍ଡ ୱେୟାର ଦୋକାନରୁ ଲକ୍ଷାଧିକ ଟଙ୍କାର ମେଡିକାଲ କୀଟ ଓ ଗ୍ଲୋଭଶ କିଣାଯାଇଛି । ତତସହିତ କୋଭିଡ ସେଣ୍ଟର ପାଇଁ କିଣାଯାଇଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର କ୍ଷେତ୍ରରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଛି । ପୁନଶ୍ଚ ବୁଲା ଗାଈ ଓ କୁକୁରମାନଙ୍କ ପାଇଁ ୨ଲକ୍ଷ ୮୪ ହଜାର ଟଙ୍କାର ଚୋକଡ ଓ ପାଉଁରୁଟି କିଣାଯାଇଛି । ସେହିପରି ୧୯୭ଜଣ ରୋଗୀ କ୍ୱାରେଣ୍ଟାଇନରେ ଥିବାବେଳେ ୧୬୦ଟି ବେଡ ସହ ଗଦି କିଣାଯାଇଥିଲା । ଏଥିସହିତ କେଉଁଥି ପାଇଁ ଖାଲି ଗଦି ୭୫ଟି କିଣାଯାଇଥିଲା ଓ ୩୫ଟି ଗଦି ପଇଁତାଳିଶି ଦିନ ପାଇଁ ଭଡାକୁ ଆସିଥିଲା ତାହାର ହିସାବ ମିଳୁନାହିଁ । ଏଠି ପ୍ରଶ୍ନ ଉଠେ ଯଦି ସେତେବେଳେ ଏସବୁ ପୌରପାଳିକା କିଣିଥିଲା ଏବେ ସେସବୁ କାହା ତତ୍ତ୍ୱାବଧାନରେ ଅଛି ତାହାର କୌଣସି ସୂଚନା ମିଳିପାରୁନାହିଁ । ସୂଚନା କମିଶନଙ୍କ ନିର୍ଦ୍ଦେଶ ଅନୁଯାଇ ବର୍ତ୍ତମାନର ନିର୍ବାହୀ ଅଧିକାରୀ ତଦନ୍ତ କରି ଆସନ୍ତା ଜୁଲାଇ ୩ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ । ଏହି କୋଭିଡ କାର୍ଯ୍ୟକ୍ରମକୁ ତତକାଳୀନ ନିର୍ବାହୀ ଅଧିକାରୀ ପବିତ୍ର ବେହେରା ଓ ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀ ବିଚିତ୍ରାନନ୍ଦ ସ୍ୱାଇଁ ନିର୍ବାହ କରିଥିଲେ । ତେଣୁ ସେମାନେ ଏତେ ସବୁ ଦୁର୍ନୀତି କରିଥିବାବେଳେ ଏହି ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା ।

## ଜୁଲାଇ ପହିଲାରୁ ଓଡ଼ିଶାରେ ଏସ୍‌ଆଇଆର୍





**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ଆରମ୍ଭ କରିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ । ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସଠିକ୍ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ଏହି ବଡ଼ ପଦକ୍ଷେପ ନେଇଛନ୍ତି । ଦେଶର ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ-ଏସ୍‌ଆଇଆର୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛଶ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରୁ ମୃତ, ସ୍ଥାନାନ୍ତରିତ ଏବଂ ନକଲି ଭୋଟରଙ୍କ ନାମ ବାଦ୍ ଦେବା ସହ ଯୋଗ୍ୟ ନୂତନ ଭୋଟରଙ୍କୁ ସାମିଲ କରିବା । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏପ୍ରିଲ ୧ତାରିଖରୁ ରାଜ୍ୟରେ ଏହି ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାର ବିଏଲ୍‌ଓମାନ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି । ବିଶେଷ କରି ୨୦୦୨ ମସିହାର ଭୋଟର ତାଲିକା ସହ ବର୍ତ୍ତମାନର ତାଲିକାକୁ ମେଳ କରାଯାଇ ତ୍ରୁଟିଶୂନ୍ୟ ତାଲିକା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି । ୩୬ କୋଟିରୁ ଉର୍ଦ୍ଧ୍ୱ ଭୋଟରଙ୍କ ଘରକୁ ଘର ବୁଲିବେ ବୁଥ୍ ସ୍ତରୀୟ ଅଧିକାରୀ । ତେବେ ୫ ଜୁଲାଇରେ ଡ୍ରାଫ୍ଟ ଇଲେକ୍ଟୋରାଲ ରୋଲ୍ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି । କୌଣସି ଆପତ୍ତି ଅଭିଯୋଗ ଥିଲେ ଅଗଷ୍ଟ ୪ ତାରିଖ ସୁଦ୍ଧା ଆବେଦନ କରିପାରିବେ ଭୋଟର । ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରି ତ୍ରୁଟି ସଂଶୋଧନ କରାଯିବ । ଏବଂ ୬ ସେପ୍ଟେମ୍ବର ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ ।

# ବନ୍ଧୁ ତୃଷାଙ୍କ ଫିଲ୍ମ ରିଲିଜ୍ ପାଇଁ ବିଜୟଙ୍କ ସ୍ୱତନ୍ତ୍ର ପରମିଶନ୍



**ଚେନ୍ନାଇ (ଏଜେନ୍ସି):** ଆଜିକାଲି ବେଶରେ ଚର୍ଚ୍ଚାରେ ରହୁଛନ୍ତି ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ଥଲାପତି ବିଜୟ। ନିଜର ପ୍ରତିଶ୍ରୁତି ପୂରଣ ହେଉ ବା ବଡ଼ ଘୋଷଣା ଗଣମାଧ୍ୟମରେ ପାଲଟୁଛନ୍ତି ହେଡଲାଇନ୍। ଅଭିନେତ୍ରୀଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ବେଶ ଚର୍ଚ୍ଚା ହେଉଥିବାବେଳେ ଫିଲ୍ମ ରିଲିଜ୍ ପାଇଁ ଏକ ସ୍ୱତନ୍ତ୍ର ପରମିଶନ ଦେଇଥିଲେ ବିଜୟ। ସୂରିୟାଙ୍କ ସହ ଆସିଥିବା ଫିଲ୍ମ କାରୁପ୍ପୁ ପାଇଁ ଏଭଳି ପରମିଶନ ମିଳିଛି। ଗୁରୁବାର ଏହି ଫିଲ୍ମର ସ୍ୱତନ୍ତ୍ର ପ୍ରଦର୍ଶନ ପାଇଁ ଅନୁମତି ମିଳିଥିଲା। ମାତ୍ର ଅନେକ ସ୍ଥାନରେ ଏହି ଶୋ' ଗୁଡ଼ିକ ବାତିଲ ହୋଇଥିବା ଜଣାପଡ଼ିଛି। ସକାଳ ୯ଟାରେ ସ୍ୱତନ୍ତ୍ର ପରମିଶନ ମିଳିଥିଲା ପ୍ରଦର୍ଶନ ପାଇଁ ମାତ୍ର ଏହା ରିଲିଜ୍ ହୋଇପାରିନଥିବା ଫିଲ୍ମର ପ୍ରଯୋଜକ ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି। ମାତ୍ର ସେ ଏହାର କାରଣ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ସକାଳ ଶୋ' ବାତିଲ୍ କରାଯାଇଥିବାବେଳେ ସେ ସୋସିଆଲ ମିଡିଆରେ କ୍ଷମା ପ୍ରାର୍ଥନା କରିଛନ୍ତି। ତାମିଲନାଡୁରେ ଗତ ବର୍ଷଠାରୁ ସକାଳ ଶୋ' ନିଷିଦ୍ଧ ରହିଛି। ମାତ୍ର ଏହି ଫିଲ୍ମ ପାଇଁ ସରକାରୀ ଅନୁମତି ମିଳିଥିଲା। ତଥାପି ଅନେକ ହଲରେ ଏହା ରିଲିଜ୍ ହୋଇପାରିନାହିଁ। ଫ୍ୟାନ୍ସମାନେ ଆଗୁଆ ଟିକେଟ ବୁକ୍ କରିଥିବାବେଳେ ନିରାଶ ହୋଇଛନ୍ତି। ଯାହାକୁ ନେଇ ସୋସିଆଲ ମିଡିଆରେ ପ୍ରତିବାଦ ମଧ୍ୟ ଦେଖିବାକୁ ମିଳିଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ଏନେଇ କ୍ଷମା ମଗାଯାଇଛି। ତେବେ ପରବର୍ତ୍ତୀ ଶୋ'ରେ କୌଣସି ବିଚ୍ୟୁତି ଘଟିବ ନାହିଁ ବୋଲି କୁହାଯାଇଛି।

# ହାଇ ବଜେଟ୍ ନେଉଥିବା କିଶୋର କୁମାର, ଗୋବିନ୍ଦାଙ୍କ ଡେବ୍ୟୁ ଫିଲ୍ମରେ କାହିଁକି କମ୍ ଫି'ରେ ଗାଇଥିଲେ ଗୀତ ?



**ନୂଆଦିଲ୍ଲୀ (ଏଜେନ୍ସି):** ବଲିଉଡ ସୁପରଷ୍ଟାର ଗୋବିନ୍ଦା। ତାଙ୍କ ନାମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅତି ସମ୍ମାନର ସହିତ ନିଆଯାଏ। ସେ ତାଙ୍କ କ୍ୟାରିଅର ମଧ୍ୟରେ ଅନେକ ବ୍ଲକବଷ୍ଟର ଫିଲ୍ମରେ ଅଭିନୟ କରିଛନ୍ତି ଏବଂ ତାଙ୍କର ଡ୍ୟାନ୍ସିଂ ଷ୍ଟାଇଲ୍ ରେ ପ୍ରଶଂସକଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ଯଦିଓ ସେ ବର୍ତ୍ତମାନ ଫିଲ୍ମରେ ସକ୍ରିୟ ନାହାଁନ୍ତି, ତଥାପି ଅଭିନେତା ତାଙ୍କର ସ୍ଥିତି ବଜାୟ ରଖିଛନ୍ତି ଏବଂ ପ୍ରଶଂସକ ତାଙ୍କୁ ଏବେ ବି ଭଲ ପାଉଛନ୍ତି। ଖୁବ୍ କମ ଅଭିନେତା ଏପରି ଅଛନ୍ତି ଯାହାଙ୍କ ବିଷୟରେ କୁହାଯାଏ ଯେ ତାଙ୍କର ଗୋଟିଏ ସମୟ ଥିଲା।

ଗୋବିନ୍ଦା ଫିଲ୍ମ ବ୍ୟାକଗ୍ରାଉଣ୍ଡରୁ ଆସିଛନ୍ତି। ତାଙ୍କ ପିତା ଅରୁଣ ଜଣେ ଅଭିନେତା ଥିଲେ, ଏବଂ ତାଙ୍କ ମା' ନିର୍ମଳା ଦେବୀ ଜଣେ ଅଭିନେତ୍ରୀ ଏବଂ ଗାୟିକା ଥିଲେ। ଗୋବିନ୍ଦାଙ୍କ ଫିଲ୍ମ ବ୍ୟାକଗ୍ରାଉଣ୍ଡ ଯୋଗୁଁ କ୍ୟାରିଅରର ପ୍ରାରମ୍ଭରେ ତାଙ୍କୁ ଷ୍ଟ୍ରଗଲ କରିବାକୁ ପଡିନଥିଲା ଏବଂ ତାଙ୍କୁ ଆରାମରେ ରୋଲ୍ସ ମିଳିଯାଉଥିଲା। ଏପରିକି ଅଭିନେତା ତାଙ୍କ ଡେବ୍ୟୁ ବର୍ଷରେ ପାଞ୍ଚଟି ଫିଲ୍ମରେ ଅଭିନୟ କରିଥିଲେ। ଏହି ଫିଲ୍ମଗୁଡିକ ମଧ୍ୟରୁ ପଞ୍ଚମ ଫିଲ୍ମଟିର ନାଁ ଥିଲା 'ଡ୍ୟୁଟି'। ଏହି ଫିଲ୍ମରେ ଗୋବିନ୍ଦା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ, ଏବଂ ଏଥିରେ ସେ ଡିଏସ୍ପି ଭୂମିକାରେ ନଜର ଆସିଥିଲେ। ଫିଲ୍ମର ମେକିଙ୍ଗ ସମୟରେ ଏପରି ସଂଯୋଗ ହୋଇଥିଲ ଯେ କିମ୍ବଦନ୍ତୀ ଗାୟକ କିଶୋର କୁମାର ଗୋବିନ୍ଦାଙ୍କ ଫିଲ୍ମରେ ଏକ ଗୀତ ଗାଇଥିଲେ।

ଗୋବିନ୍ଦା ତାଙ୍କ କ୍ୟାରିଅରର ଆରମ୍ଭରେ ଚମତ୍କାର ଅଭିନୟ କରିଥିଲେ। 'ଡ୍ୟୁଟି' ଫିଲ୍ମ ପାଇଁ ସେ ଏକ ସର୍ତ୍ତ ରଖିଥିଲେ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସେ ଗାୟକ କିଶୋର କୁମାରଙ୍କର ଜଣେ ବଡ଼ ପ୍ରଶଂସକ ଥିଲେ, ଏବଂ ସେତେବେଳେ କିଶୋର କୁମାରଙ୍କ ଲୋକପ୍ରିୟତା ଶୀର୍ଷରେ ଥିଲା। ତେଣୁ, ଗୋବିନ୍ଦା ଚାହୁଁଥିଲେ ଯେ କିଶୋର କୁମାର ତାଙ୍କ ଫିଲ୍ମ ପାଇଁ ଗୀତ ଗାଇବେ। ଏହା ଫିଲ୍ମ ପାଇଁ ଲାଭଦାୟକ ହେବ। ଗୋବିନ୍ଦା ଏକଥା ଫିଲ୍ମର ମ୍ୟୁଜିକ୍ କମ୍ପୋଜର ବାବଲା ଶାହଙ୍କୁ କହିଥିଲେ। କିନ୍ତୁ ଏହା ସହଜ ନଥିଲା। ଫିଲ୍ମଟି ଏକ କମ୍ ବଜେଟ୍ ପ୍ରୋଜେକ୍ଟ ଥିଲା, ଏବଂ କିଶୋର କୁମାରଙ୍କ ଫି' ସେତେବେଳେ ବହୁ ଅଧିକ ଥିଲା।


କିଶୋର କୁମାରଙ୍କୁ ଫିଲ୍ମରେ ଗାଇବା ପାଇଁ, ବାବଲା ଶାହ ଫିଲ୍ମର ନିର୍ଦ୍ଦେଶକ ରବିକାନ୍ତଙ୍କ ସହ କଥା ହୋଇଥିଲେ ଏବଂ ପଚାରିଥିଲେ ଯେ ଏହା ସମ୍ଭବ କି ? ରବିକାନ୍ତ ଏହି ଧାରଣା ବିଷୟରେ ଚିନ୍ତା କରିନଥିଲେ, ଏବଂ କିଶୋର କୁମାରଙ୍କୁ ଗାଇବା ବଜେଟରେ ଫିଟ୍ ହେଉନଥିଲା। ତେଣୁ, ସେ ପ୍ରସିଦ୍ଧ ସଂଗୀତକାର ଯୋଡ଼ି କଲ୍ୟାଣ-ଆନନ୍ଦଙ୍କ ସାହାଯ୍ୟ ନେଇଥିଲେ, ଯେଉଁମାନେ କିଶୋର କୁମାରଙ୍କ ଘନିଷ୍ଠ ବନ୍ଧୁ ଥିଲେ ଏବଂ ବାବଲା ଶାହଙ୍କ ବଡ଼ ଭାଇ ମଧ୍ୟ ଥିଲେ। ତା'ପରେ କଲ୍ୟାଣ-ଆନନ୍ଦ କିଶୋର କୁମାରଙ୍କୁ କମ୍ ପାରିଶ୍ରମିକରେ ଫିଲ୍ମରେ ଗାଇବାକୁ ଅନୁରୋଧ କରିଥିଲେ। କିଶୋର କୁମାର କଲ୍ୟାଣ-ଆନନ୍ଦଙ୍କ ଅନୁରୋଧକୁ ଗ୍ରହଣ କରି ଗୋବିନ୍ଦାଙ୍କ ଫିଲ୍ମରେ କମ୍ ପାରିଶ୍ରମିକ ନେଇ ଦୁଇଟି ଗୀତ ଗାଇଲେ। ଏହି ଦୁଇଟି ଗୀତ ଥିଲା 'ତୁମ୍ ଜିସେ ଚାହୋ' ଏବଂ 'ଜିସ୍ ମେହଫିଲ୍ ମେଁ ଆତା ହୁଁ'। ଉଭୟ ଗୀତ ସେତେବେଳେ ହିଟ୍ ହୋଇଥିଲା ଏବଂ ଫିଲ୍ମଟି ଏଥିରୁ ଲାଭ ପାଇଥିଲା।



# ୭୯ତମ କାନ୍ ଫିଲ୍ମ ମହୋତ୍ସବ, ସିଲଭର୍ ଗାଉନ୍‌ରେ ଜଲୱା ଦେଖାଇଲେ ଉର୍ବଶୀ

**ନୂଆଦିଲ୍ଲୀ (ଏଜେନ୍ସି):** ଭାରତ ବିଭିନ୍ନ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରି ପାରିଛି। କେବଳ ଦେଶ ସୁଶାସନ ପାଇଁ ଯେତିକି ଚର୍ଚ୍ଚିତ ତାହା ଠାରୁ ଅଧିକ ଚର୍ଚ୍ଚିତ ହୋଇ ପାରିଛି କ୍ରୀଡ଼ା, ସାହିତ୍ୟ ଆଉ କଳା ପ୍ରଦର୍ଶନ ନିମନ୍ତେ। ସମଗ୍ର ବିଶ୍ୱରେ ଭାରତ ବିଭିନ୍ନ କାର୍ଯ୍ୟକ୍ରମରେ ନିଜର ସ୍ଥିତି ଜାହିର କରିବାରେ ସଫଳ ହୋଇଛି। ଯେମିତି କି ଫ୍ରାନ୍ସରେ ଚାଲିଥିବା ୭୯ତମ କାନ୍ ଫିଲ୍ମ ମହୋତ୍ସବରେ ଭାରତୀୟ କଳାକାରଙ୍କ ପହଞ୍ଚିବା ଜାରି ରହିଛି। ମେ ୧୨ରୁ ଆରମ୍ଭ ହୋଇଥିବା ଏହି ସମାରୋହ ୨୩ ତାରିଖ ଯାଏ ଚାଲିବ। ପ୍ରଥମ ଦିନରେ ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟଙ୍କ ବ୍ୟତୀତ ଉର୍ବଶୀ ରୌତେଲା ମଧ୍ୟ ରେଡ୍ କାର୍ପେଟରେ ଚାଲିଥିଲେ। ସେଠାରେ ନିଜର ଗ୍ଲାମରସ୍ ଅନ୍ଦାଜରେ ପ୍ରଶଂସକମାନଙ୍କର ହୃଦୟ ଜିତିଛନ୍ତି ଉର୍ବଶୀ। ସିଲଭର ରଙ୍ଗର ହେଭି ଏମ୍ବ୍ରୟଡୋରୀ ହୋଇଥିବା ଗାଉନରେ ତାଙ୍କର ଲୁକ୍ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥିଲା। ଭିଏତନାମର ଏକ ଫ୍ୟାଶନ ହାଉସ୍ ଜୋଲିପୋଲି କାଉଚର ତାଙ୍କ ଲାଗି ଏହି ଗାଉନକୁ ପ୍ରସ୍ତୁତ କରିଥିଲା। ସେହି ଫ୍ୟାଶନ ହାଉସ୍ ମୁଖ୍ୟତଃ ନିଜର କଳ୍ପନା ଶୈଳୀ, କ୍ରିଷ୍ଟାଲ କାମ ଏବଂ ରେଡ୍ କାର୍ପେଟରେ ଫ୍ୟାଶନ୍ ପ୍ରେଜେଣ୍ଟସ ଲାଗି ପ୍ରସିଦ୍ଧ। ଉର୍ବଶୀଙ୍କ ପୋଷାକରେ ହଜାର ହଜାର କ୍ରିଷ୍ଟାଲ, ମାଳି ଲାଗିଥିଲା। ସେଗୁଡିକୁ ଏଭଳି ଡିଜାଇନ୍ କରାଯାଇଥିଲା ଯେପରିକି ଆଲୋକ ପଡ଼ିବା ମାତ୍ରେ ତାହା ହୀରା ଭଳି ଚମକିବ। ଉର୍ବଶୀ ଏହି ଗାଉନ୍ ସହିତ ଏକ କ୍ରାଉନ୍ (ମୁକୁଟ) ମଧ୍ୟ ପିନ୍ଧିଥିଲେ। ତାହା ତାଙ୍କୁ ରାଜକୀୟ ଲୁକ୍ ଦେଇଥିଲା। କାନ୍ ମହୋତ୍ସବରେ ଏହାକୁ ମିଶାଇ ଉର୍ବଶୀ ୫ ଥର ଯୋଗ ଦେଇଛନ୍ତି। ତାଙ୍କୁ ୨୦୨୫ରେ ଶେଷ ଥର ଲାଗି 'ଡାକୁ ମହାରାଜ' ଫିଲ୍ମରେ ଦେଖିବାକୁ ମିଳିଥିଲା। ସେଥିରେ ସେ ନନ୍ଦମୁରୀ ବାଲକ୍ରିଷ୍ଣା ଏବଂ ବବି ଦେଓଲଙ୍କ ସହ ସ୍କ୍ରିନ୍ ସେୟାର କରିଥିଲେ।

# ଛାଡପତ୍ର ଗୁଜବ ମଧ୍ୟରେ ଇନଷ୍ଟାଗ୍ରାମ ଆକାଉଣ୍ଟ ଡିଲିଟ୍ କଲେ ସୂରଜ, ବିବାହ ଫଟୋ ହଟାଇଲେ ମୌନି



**ନୂଆଦିଲ୍ଲୀ (ଏଜେନ୍ସି):** ମୌନି ରୟ ଏବଂ ତାଙ୍କ ସ୍ୱାମୀ ସୂରଜ ନାମ୍ବିଆରଙ୍କ ମଧ୍ୟରେ କିଛି ଭଲ ନଥିବା ଖବର ଏବେ ଖୁବ୍ ଚର୍ଚ୍ଚାରେ। ଯେତେବେଳେ ସୋସିଆଲ ମିଡିଆରେ ୟୁଜର୍ସ ଜାଣିବାକୁ ପାଇଲେ ଯେ ଏହି ଦମ୍ପତି ଆଉ ଇନଷ୍ଟାଗ୍ରାମରେ ପରସ୍ପରକୁ ଫଲୋ କରୁନାହାଁନ୍ତି ସେତେବେଳେ ଗୁଜବ ବଢିବାକୁ ଲାଗିଲା। ଏବେ, ଏହାକୁ ନେଇ ଏକ ନୂଆ ମୋଡ଼ ସାମ୍ନାକୁ ଆସିଛି, ଯାହା ସେମାନଙ୍କର ଅଲଗା ହେବାର କଳ୍ପନାଜଳ୍ପନାକୁ ଜନ୍ମ ଦେଇଛି। ମୌନି ରୟଙ୍କ ଫଲୋଅର୍ସରେ ନା ସୂରଜ ନାମ୍ବିଆରଙ୍କ ନାମ ଦେଖାଯାଉଛି, ନା ସୂରଜ ନାମ୍ବିଆରଙ୍କ ଇନଷ୍ଟାଗ୍ରାମରେ ମୌନି ରୟଙ୍କୁ ଫଲୋ କରୁଥିବା ଦେଖାଯାଉଛି। ଏହା ବ୍ୟତୀତ, ମୌନି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ସୂରଜଙ୍କ ସହିତ ସମସ୍ତ ପୋଷ୍ଟ ଏବଂ ଫଟୋ ମଧ୍ୟ ଡିଲିଟ୍ କରିଦେଇଛନ୍ତି। ଏପରିକି ସେମାନଙ୍କ ପ୍ରୋଫାଇଲରୁ ବିବାହ ଫଟୋ ମଧ୍ୟ ଗାଏବ ହୋଇଯାଇଛି। ଏବେ, ଏହି ସମସ୍ତ ରିପୋର୍ଟ ପରେ, ସୂରଜ ନାମ୍ବିଆର ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ଡିଆକ୍ଟିଭ କିମ୍ବା ଡିଲିଟ୍ କରିଦେଇଛନ୍ତି। ଯାହା ପରେ ଦୁହେଁ ଅଲଗା ହେବାର ଚର୍ଚ୍ଚା ଆହୁରି ବଢିଯାଇଛି। ତଥାପି, ମୌନି ରୟ କିମ୍ବା ସୂରଜ ନାମ୍ବିଆର ଏହି ରିପୋର୍ଟ କିମ୍ବା ଗୁଜବ ସମ୍ପର୍କରେ କୌଣସି ଅଫିସିଆଲ ବିବୃତ୍ତି ଜାରି କରିନାହାଁନ୍ତି। ତେବେ ମୌନି ଏବଂ ସୂରଜ ତିନି ବର୍ଷ ଡେଟିଂ ପରେ ୨୦୨୨ ମସିହାରେ ଗୋଆରେ ବିବାହ କରିଥିଲେ। ଏହି ଦମ୍ପତି ପ୍ରଥମ ଥର ପାଇଁ ୨୦୧୯ ମସିହାରେ ନୂତନ ବର୍ଷ ପୂର୍ବ ସନ୍ଧ୍ୟାରେ ଦୁବାଇରେ ସାକ୍ଷାତ କରିଥିଲେ। ସେମାନଙ୍କ ବିବାହ କାଣ୍ଡୋଲିମର ହିଲଟନ ଗୋଆ ରିସର୍ଟରେ ହୋଇଥିଲା। ଏହି ବିବାହ ଉତ୍ସବ ମାଲାୟାଲୀ ଏବଂ ବଙ୍ଗାଳୀ ଉଭୟ ପରମ୍ପରାକୁ ଅନୁସରଣ କରିଥିଲା।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ। ରବିବାର : ଲାଭବାନ ହେବେ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ। ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ। ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର : ବ୍ୟବସାୟରେ ଲାଭବାନ ହେବେ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର : ଅଯଥାରେ ସମୟ ଅତିବାହିତ ହେବ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ। ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ। ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ଖରାଦିନେ କିସମିସ୍ ଏବଂ ପାନମହୁରୀ ପାଣି

ଆୟୁର୍ବେଦରେ, କିସମିସ୍ ଏବଂ ପାନମହୁରି ଉଭୟକୁ ସ୍ୱାସ୍ଥ୍ୟ ପାଇଁ ଥଣ୍ଡା ବୋଲି ବିବେଚନା କରାଯାଏ। କିସମିସରେ ଆଇରନ, ଫାଇବର ଏବଂ ଏକ ପ୍ରାକୃତିକ ମିଠା ଥାଏ, ଯେତେବେଳେ ପାନମହୁରି ପେଟକୁ ଥଣ୍ଡା କରିବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଯେତେବେଳେ ଉଭୟକୁ ରାତିସାରା ପାଣିରେ ଭିଜାଇ ସକାଳେ ସେବନ କରାଯାଏ, ଏହା କେବଳ ଶରୀରକୁ ଥଣ୍ଡା କରେନି ବରଂ ଅନେକ ସ୍ୱାସ୍ଥ୍ୟ ଲାଭ ମଧ୍ୟ ଦେଇଥାଏ। ଆୟୁର୍ବେଦ ବିଶେଷଜ୍ଞଙ୍କ ଅନୁସାରେ, ଗ୍ରୀଷ୍ମ ଋତୁରେ ପାନମହୁରି ଏବଂ କିସମିସ୍ ପାଣି ପିଇବାକୁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହି ପାଣି ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିଥାଏ, କାରଣ କିସମିସ୍ ଏବଂ ପାନମହୁରି ଉଭୟର ଥଣ୍ଡା ପ୍ରଭାବ ଥାଏ। ଏହାକୁ ପ୍ରତିଦିନ ପିଇବା ଦ୍ୱାରା ମୁହଁରେ ଚମକ ଆସିଥାଏ ଏବଂ ଚର୍ମ ସଫା ହୋଇଥାଏ। ଏହାକୁ ରାତିସାରା ଏକ ଗ୍ଲାସ୍ ପାଣିରେ ୧ ଚାମଚ ପାନମହୁରି ଏବଂ ୪ ରୁ ୫ଟି କିସମିସ୍ ଭିଜାଇ ରଖନ୍ତୁ। ସକାଳେ ପାଣିକୁ ଛାଣି ପିଅନ୍ତୁ ଏବଂ କିସମିସ୍ ଚୋବାଇ ଖାଆନ୍ତୁ। ଶରୀରକୁ ଥଣ୍ଡା କରେ- ପାନମହୁରି ଶରୀର ପାଇଁ ଥଣ୍ଡା ବୋଲି ବିବେଚନା କରାଯାଏ। କିସମିସ୍ ମଧ୍ୟ ଡିହାଇଡ୍ରେସନ୍ ହ୍ରାସ କରିବାରେ ସାହାଯ୍ୟ କରେ। ପ୍ରତିଦିନ ସକାଳେ ଏହାର ପାଣି ପିଇବା ଦ୍ୱାରା ଗରମରୁ ମୁକ୍ତି ମିଳିଥାଏ। ପେଟ ଗରମ ଏବଂ କୋଷ୍ଠକାଠିନ୍ୟରୁ ମୁକ୍ତି - ପାନମହୁରି ପାଚନ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ ଗ୍ୟାସ୍, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟାକୁ କମ କରିବାରେ ସାହାଯ୍ୟ କରେ। କିସମିସରେ ଫାଇବର ଥାଏ, ଯାହା କୋଷ୍ଠକାଠିନ୍ୟ ଦୂର କରିବାରେ ସହାୟକ ବୋଲି ବିବେଚନା କରାଯାଏ। ଗ୍ରୀଷ୍ମ ଋତୁରେ ଏହି ପାଣି ପେଟକୁ ହାଲୁକା ଏବଂ ସଫା ରଖିବାରେ ସାହାଯ୍ୟ କରିପାରେ। ଶକ୍ତି ବୃଦ୍ଧି କରେ - କିସମିସରେ ପ୍ରାକୃତିକ ଚିନି ଏବଂ ଆଇରନ ଥାଏ, ଯାହା ତୁରନ୍ତ ଶକ୍ତି ପ୍ରଦାନ କରେ। ଯେତେବେଳେ ଆପଣ ଅତ୍ୟଧିକ ଗରମ କିମ୍ବା କ୍ଳାନ୍ତ ଅନୁଭବ କରୁଛନ୍ତି, ସେତେବେଳେ ପାନମହୁରି ଏବଂ କିସମିସ ପାଣି ଶରୀରକୁ ସତେଜ କରିବାରେ ସାହାଯ୍ୟ କରିପାରେ। ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ - ଏହି ପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ, ଯାହା ଦ୍ୱାରା ତ୍ୱଚା ସଫା ଏବଂ ସୁସ୍ଥ ଦେଖାଯାଏ। ନିୟମିତ ସେବନ ଗ୍ରୀଷ୍ମକାଳୀନ ସମସ୍ୟା ଯେପରିକି ବ୍ରଣ ଏବଂ ଶୁଷ୍କ ତ୍ୱଚାରୁ ମୁକ୍ତି ଦେଇଥାଏ।

## ମା'ରାଣ ଦେହକୁ ନେବେନି...

ସିନ୍ଦୁର ନାଇଲେ ଆଲର୍ଜି ତୁମର
ହଉଥେଲା ପରା ଚମ..
ମୁଣ୍ଡରେ ଓଢଣାଟାଣିକି ଚାଲିଲେ
ହେଇଯାଏ ବ୍ରେନ ଯାମ...
ଆଜିକିଆଁ ଏତେ ପେମ...
ସାବିତିରୀ ଭାବି ଯାହାତ ଧରିଲି
ସିଏ ମୋ ଅସଲ ଯମ....



- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

# ବିଟ୍ ରାଇତା



ଆବଶ୍ୟକ ସାମଗ୍ରୀ

ଦହି- ୨ କପ, କୋରା ଯାଇଥିବା ଓ ସିଝା ହୋଇଥିବା ବିଟ୍ ୨ଟା, ଧନିଆପତ୍ର – କଟା ହୋଇଥିବା, ଲଙ୍କା ଗୁଣ୍ଡ – ଅଳ୍ପ, ଜିରା ଗୁଣ୍ଡ – ଅଳ୍ପ, ଲୁଣ – ସ୍ୱାଦ ଅନୁସାରେ, କଳା ଲୁଣ – ସାମାନ୍ୟ

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଏକ ପାତ୍ରରେ ଦହି ନେଇ ଏହାକୁ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏବେ ଏଥିରେ କୋରା ହୋଇଥିବା ବିଟ୍, ଜିରା ଗୁଣ୍ଡ, କଟା ହୋଇଥିବା ଧନିଆପତ୍ର, କଳା ଲୁଣ, ଲୁଣ, ଲଙ୍କା ଗୁଣ୍ଡକୁ ଭଲ ଭାବେ ମିଶାଇ ଦିଅନ୍ତୁ। କିଛି ସମୟ ଏହାକୁ ଫ୍ରିଜ୍ରେ ରଖି ଦିଅନ୍ତୁ। ଇଚ୍ଛା ଅନୁସାରେ ଏଥିରେ ପିଆଜ, ପୁଦିନା ପତ୍ର କିମ୍ବା କାକୁଡି ମଧ୍ୟ ମିଶାଇ ପାରିବେ। ଏହାକୁ ଭାତ, ରୁଟି କିମ୍ବା ପରଟା ସହ ମଧ୍ୟ ଖାଇପାରିବେ।

ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ଓ ତ୍ୱଚା ଉଭୟ ପାଇଁ ଲାଭଦାୟକ। ଏଥିରେ ପ୍ରଚୁର ପରିମାଣରେ ଆଇରନ ରହିଛି। ଏହା ଶରୀରରେ ରକ୍ତର ଅଭାବକୁ ଦୂର କରିବା ସହ ଦୁର୍ବଳ ଅନୁଭବ ହେବାକୁ ଦେଇନଥାଏ। ଏହା ବ୍ୟତୀତ ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟତ୍ୱଚାକୁ ସୁନ୍ଦର, ସୁନେଲି କରିବାରେ ସହାୟକ ହୋଇଥାଏ। ଏଥିରେ ଦହି ଥିବା କାରଣରୁ ପେଟ ଥଣ୍ଡା ରହିବା ସହ ହଜମ ମଧ୍ୟ ଭଲ ଭାବେ ହୋଇଥାଏ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




### ବେଜିଂରେ ଦୋସ୍ତି-ଦୁଶମନିର ଝଲକ

# ପ୍ରଶଂସାରେ ପୋତି ପକାଇଲେ ଟ୍ରମ୍ପ



**ନୂଆଦିଲ୍ଲୀ (ଏଜେନ୍ସି):** ବେଜିଂର ଗ୍ରେଟ୍ ହଲ୍‌ରେ ଚାଲିଥିବା ୟୁଏସ୍-ଚୀନ ବୈଠକରେ ଏକା ସାଙ୍ଗରେ ଦେଖିବାକୁ ମିଳିଲା ଦୋସ୍ତି-ଦୁଶମନିର ଝଲକ। ପ୍ରଶଂସାରେ ପୋତି ପକାଇଲେ ଟ୍ରମ୍ପ, ହାଲକେଇକି ଚେତାବନୀ ଦେଇଦେଲେ ଜିନପିଙ୍ଗ। ବନ୍ଧୁତ୍ୱର ହାତ ବଢାଇଲେ, ସହଯୋଗ ଏବଂ ସହଭାଗୀତାର କଥା କହିଲେ... ହେଲେ ତାଇୱାନ କଥା ପଡ଼ିଲାରୁ ଚିହିଁକି ଗଲେ ଚୀନ ରାଷ୍ଟ୍ରପତି। ଟ୍ରମ୍ପଙ୍କୁ ମୁହେଁ ମୁହେଁ ଶୁଣାଇଦେଲେ ସି ଜିନପିଙ୍ଗ। କହିଲେ ତାଇୱାନ ପ୍ରସଙ୍ଗ ଚୀନ-ଆମେରିକା ସମ୍ପର୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ପ୍ରଶ୍ନ। ଏହାକୁ ଠିକ୍ ଭାବରେ ସମାଧାନ କରିଦେଲେ ଦୁଇ ଦେଶର ସମ୍ପର୍କ ପାଇଁ ଭଲ। ଏଥିରେ ଟିକେ ବି ଭୁଲଭାଲ୍ ହେଲେ ଚୀନ-ଆମେରିକା ମଧ୍ୟରେ ସଂଘର୍ଷର ପାଲଟିବ ମୁଖ୍ୟ କାରଣ। ଜିନପିଙ୍ଗ ଚେତାବନୀ ଦେଇ କହିଛନ୍ତି ଯେ, ତାଇୱାନର ସ୍ୱାଧୀନତା ଏବଂ ତାଇୱାନ ଷ୍ଟ୍ରେଟ୍‌ରେ ଶାନ୍ତି... ଦୁଇଟି ଯାକ ଏକା ସାଙ୍ଗରେ ଚାଲିବନି। ଚୀନ ଲଗାତର ତାଇବାନକୁ ଏହାର ଅଂଶ ବୋଲି ଦାବି କରୁଛି। ହେଲେ ତାଇୱାନ ନିଜକୁ ପୃଥକ ବୋଲି ଭାବୁଛି। ଆମେରିକା ଦୀର୍ଘ ଦିନ ହେବ ତାଇୱାନକୁ ଅସ୍ତ୍ର ଏବଂ ରାଜନୈତିକ ସମର୍ଥନ ଦେଇଆସୁଛି। ଯାହାକୁ ନେଇ ଚୀନ ଅସନ୍ତୋଷ ବ୍ୟକ୍ତ କରୁଛି। ଚେତାବନୀ ଦେବା ପୂର୍ବରୁ ଚୀନ ଆମେରିକା ସହ ସମ୍ପର୍କ ସୁଦୃଢ କରିବା କଥା କହିଥିଲେ। ସେ କହିଥିଲେ ଯେ, ଚୀନ ଏବଂ ଆମେରିକା ପରସ୍ପରର ପ୍ରତିଦ୍ୱନ୍ଦୀ ନୁହେଁ ବନ୍ଧୁ ହେବା ଉଚିତ୍। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମିଳିମିଶି କାମ କରିବା ଉଚିତ୍। ଏହି ବୈଠକରେ ଟ୍ରେଡ୍ ଏବଂ ଟାରିଫ୍ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ଟ୍ରେଡ୍ ୱାରରେ କେବେ କାହାର ବି ଲାଭ ହେବ ନାହିଁ ବୋଲି ଜିନିପିଙ୍ଗ କହିଥିଲେ। ତେବେ ବେଜିଂରେ ଚାଲିଥିବା ଚୀନ-ଆମେରିକା ଆଲୋଚନା ସଫଳ ହୋଇଛି। ଦୁଇ ଦେଶ ମଧ୍ୟରେ ବହୁ ବୁଝାମଣା ହୋଇଛି। ସୂଚନା ଥାଉକି, କିଛି ବର୍ଷ ହେବ ଚୀନ-ଆମେରିକା ସମ୍ପର୍କ ତିକ୍ତତାର ଚରମ ସୀମାରେ ପହଞ୍ଚିଥିଲା ଟ୍ରେଡ୍ ୱାର, ଚିପ୍ ଟେକ୍ନୋଲୋଜି, ତାଇୱାନ ଭଳି ପ୍ରସଙ୍ଗରେ ଦୁଇ ମହାଶକ୍ତି ଆମ୍ନାସାମ୍ନା ଥିଲେ। ଏବେ ଦୁଇ ଦେଶ ମଧ୍ୟରେ ଟାରିଫକୁ ନେଇ ଅସ୍ଥାୟୀ ବୁଝାମଣା ହୋଇଛି, ହେଲେ ତାଇବାନ ଏବେବି ଫ୍ଲାସ୍ ପଏଣ୍ଟ।

# ହର୍ମୁଜ ପାର୍ କଲା ଏଲ୍‌ପିଜି ଜାହାଜ ଏମ୍‌ଭି ସନସାଇନ୍




**ନୂଆଦିଲ୍ଲୀ (ଏଜେନ୍ସି) :** ବିଶ୍ୱ ବଜାରରେ ଏଲପିଜି ସଙ୍କଟ ଏବଂ ମଧ୍ୟ-ପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତୀୟ ଗ୍ରାହକଙ୍କ ପାଇଁ ଦୁଇଟି ବଡ଼ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଶକ୍ତି ନିରାପତ୍ତା କ୍ଷେତ୍ରରେ ଭାରତ ଏକ ବଡ଼ ସଫଳତା ହାସଲ କରିଥିବା ବେଳେ ଗ୍ୟାସ ସିଲିଣ୍ଡର ଦରକୁ ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଖୁସି ଖବର ହେଉଛି ଭାରତକୁ ଏଲପିଜି ଯୋଗାଣ ନେଇ। ଏଏନଆଇର ସୂଚନା ଅନୁଯାୟୀ, ଭାରତ ଆସୁଥିବା ଏଲପିଜି ଟ୍ୟାଙ୍କର 'ଏମଭି ସନସାଇନ୍' ବିଶ୍ୱର ସବୁଠାରୁ ସମ୍ବେଦନଶୀଳ ସାମୁଦ୍ରିକ ପଥ 'ହୋର୍ମୁଜ ପ୍ରଣାଳୀ'କୁ ସଫଳତାର ସହ ଅତିକ୍ରମ କରିଛି। ଏହି ଜାହାଜରେ ପ୍ରାୟ ୪୮,୪୫୬ ଟନ୍ ଏଲପିଜି ରହିଛି। ଯଦି ଏହାକୁ ସାଧାରଣ ସିଲିଣ୍ଡରରେ ହିସାବ କରାଯାଏ, ତେବେ ଏହା ପ୍ରାୟ ୩୪ ଲକ୍ଷ ସିଲିଣ୍ଡର ସହ ସମାନ। ମିଡିଆ ରିପୋର୍ଟ ଅନୁଯାୟୀ, ଏହି ଜାହାଜ ଆସନ୍ତା ମେ ୧୮ ସୁଦ୍ଧା ଭାରତୀୟ ସୀମାରେ ପହଞ୍ଚିବାର ଆଶା କରାଯାଉଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ଏହି ପଥ ଦେଇ ଯୋଗାଣ ବାଧାପ୍ରାପ୍ତ ହେବାର ଭୟ ଥିଲା। ଭାରତୀୟ ନୌସେନା ଏବଂ ସରକାରଙ୍କ ସ୍ୱତନ୍ତ୍ର ରଣନୀତି ଯୋଗୁଁ ଏହା ୧୫ତମ ଜାହାଜ ଭାବେ ସୁରକ୍ଷିତ ଭାବେ ବାହାରିଛି। ଆଉ ଗୋଟେ ଖୁସି ଖବରଟି ହେଉଛି ଗ୍ୟାସ ଦରକୁ ନେଇ। ଗତ କିଛି ଦିନ ହେବ ଚର୍ଚ୍ଚା ହେଉଥିଲା ଯେ ଆନ୍ତର୍ଜାତୀୟ ଚାପ ଯୋଗୁଁ ଘରୋଇ ଗ୍ୟାସ ସିଲିଣ୍ଡରର ଦାମ୍ ବୃଦ୍ଧି ପାଇପାରେ। କିନ୍ତୁ ବର୍ତ୍ତମାନର ସୂଚନା ଅନୁଯାୟୀ, ତୈଳ କମ୍ପାନୀଗୁଡିକ ସିଲିଣ୍ଡର ଦରରେ କୌଣସି ବୃଦ୍ଧି କରିନାହାଁନ୍ତି । ବର୍ତ୍ତମାନ ପାଇଁ ୧୯ କେଜି କରସିଆଲ ସିଲିଣ୍ଡର ପୁରୁଣା ଦରରେ ହିଁ ଉପଲବ୍ଧ ହେଉଛି। ଯଦି ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଏବଂ ଗ୍ୟାସ ଦର ସ୍ଥିର ରହେ, ତେବେ ଆଗାମୀ ଦିନରେ ଦର କମିବାର ସମ୍ଭାବନା ମଧ୍ୟ ରହିଛି। ଗ୍ଲୋବାଲ ପେଟ୍ରୋଲ ପ୍ରାଇସେସର ତଥ୍ୟ ଅନୁଯାୟୀ, ବିଶ୍ୱ ବଜାରରେ ଏଲପିଜିର ହାରାହାରି ମୂଲ୍ୟ ୮୬.୧୯ ଟଙ୍କା ପ୍ରତି ଲିଟର ରହିଥିବା ବେଳେ ଭାରତୀୟ ବଜାରରେ ଏହା ହାରାହାରି ୬୬.୭୩ ଟଙ୍କା ରହିଛି । ଅର୍ଥାତ୍ ବିଶ୍ୱର ଅନେକ ବିକଶିତ ଦେଶ ତୁଳନାରେ ଭାରତରେ ଏବେ ମଧ୍ୟ ଏଲପିଜି ମୂଲ୍ୟ ନିୟନ୍ତ୍ରଣରେ ଅଛି। ସରକାର ଏବଂ ତୈଳ କମ୍ପାନୀଗୁଡିକ ସୁନିଶ୍ଚିତ କରିଛନ୍ତି ଯେ ଦେଶରେ ଗ୍ୟାସର କୌଣସି ଅଭାବ ହେବ ନାହିଁ। 'ଏମଭି ସନସାଇନ୍' ଭାରତରେ ପହଞ୍ଚିବା ପରେ ଷ୍ଟକ୍ ସ୍ଥିତି ଆହୁରି ମଜବୁତ ହେବ, ଯାହା ଫଳରେ ଗ୍ରାହକମାନେ କୌଣସି ଆତଙ୍କିତ ନହୋଇ ସହଜରେ ଗ୍ୟାସ ପାଇପାରିବେ।

## ତାମିଲନାଡୁ ସରକାରରେ ଜ୍ୟୋତିଷଙ୍କ ଏଣ୍ଟ୍ରି: ନିଜ ଜ୍ୟୋତିଷଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଲେ ଥଲାପତି



**ଚେନ୍ନାଇ (ଏଜେନ୍ସି):** ତାମିଲନାଡୁ ରାଜନୀତିରେ ଏବେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଅଭିନେତାରୁ ଜନନେତା ପାଲଟିଥିବା ଥଲାପତି ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଏବେ ପ୍ରଶାସନିକ ସ୍ତରରେ ବଡ଼ ଧରଣର ଅଦଳବଦଳ କରିବା ଆରମ୍ଭ କରିଛନ୍ତି। ତେବେ ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ଏକ ନୂତନ ନିଯୁକ୍ତି। ମୁଖ୍ୟମନ୍ତ୍ରୀ ବିଜୟଙ୍କ ବ୍ୟକ୍ତିଗତ ଜ୍ୟୋତିଷ ରାଧନ ପଣ୍ଡିତ ବେଟ୍ରିଭେଲ୍‌ଙ୍କୁ ରାଜ୍ୟ ସରକାରଙ୍କ 'ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି' (ଓଏସଡି) ଭାବେ ନିଯୁକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟପାଳଙ୍କ ସହ ଦୀର୍ଘ ଦିନର ଟଣାଓଟରା ପରେ ଶେଷରେ ବିଜୟଙ୍କୁ ସରକାର ଗଢ଼ିବା ପାଇଁ ନିମନ୍ତ୍ରଣ ମିଳିଥିଲା। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମେ' ୧୦ ତାରିଖ ଅପରାହ୍ନ ୩ଟା ୪୫ ମିନିଟରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବାର ଥିଲା। କିନ୍ତୁ, ନିଜର ଆଧ୍ୟାତ୍ମିକ ଗୁରୁ ତଥା ଜ୍ୟୋତିଷ ବେଟ୍ରିଭେଲ୍‌ଙ୍କ ପରାମର୍ଶ କ୍ରମେ ବିଜୟ ଏହି ସମୟକୁ ପରିବର୍ତ୍ତନ କରିଥିଲେ। 'ଶୁଭ ମୁହୂର୍ତ୍ତ' ପାଇଁ ଏହି ଉତ୍ସବକୁ ସକାଳ ୧୦ଟାକୁ ଅଗ୍ରସର କରାଯାଇଥିଲା। ବିଜୟଙ୍କ ରାଜନୈତିକ ଯାତ୍ରାର ପ୍ରତିଟି ପାଦରେ ବେଟ୍ରିଭେଲ୍ ଜଣେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଆସୁଛନ୍ତି। ବେଟ୍ରିଭେଲ୍ ତାମିଲନାଡୁର ଜଣେ ପ୍ରତିଷ୍ଠିତ ଜ୍ୟୋତିଷ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ। ଗତ ୪୦ ବର୍ଷ ଧରି ସେ ଜ୍ୟୋତିଷ ଶାସ୍ତ୍ର ମାଧ୍ୟମରେ ଅନେକ ବଡ଼ ବଡ଼ ନେତାଙ୍କ ଭାଗ୍ୟ ଗଣନା କରିଆସୁଛନ୍ତି। କୁହାଯାଏ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ମଧ୍ୟ କୌଣସି ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ବେଟ୍ରିଭେଲ୍‌ଙ୍କ ସହ ପରାମର୍ଶ କରୁଥିଲେ। ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ଦଳ ଟିଭିକେ ବିଜୟୀ ହେବ ବୋଲି ସେ ବହୁ ପୂର୍ବରୁ ଭବିଷ୍ୟବାଣୀ କରିଥିଲେ। ତାଙ୍କ ବ୍ୟତୀତ କେବଳ 'ଆକ୍ସିସ ମାଇଁ ଇଣ୍ଡିଆ'ର ପ୍ରଦୀପ ଗୁପ୍ତା ହିଁ ଏହି ସଫଳତାର ସଠିକ୍ ଆକଳନ କରିପାରିଥିଲେ। ତାମିଲନାଡୁର ୨୩୪ଟି ବିଧାନସଭା ଆସନ ମଧ୍ୟରୁ ବିଜୟଙ୍କ ଟିଭିକେ ଦଳ ୧୦୮ଟି ଆସନରେ ବିଜୟ ବାଜିମାତ କରିଛି। ଯଦିଓ ଏହା ବହୁମତ ସଂଖ୍ୟା (୧୧୮)ଠାରୁ ସାମାନ୍ୟ କମ୍ ଥିଲା, କିନ୍ତୁ କଂଗ୍ରେସ ଏବଂ ଭିସିକେ ପରି ଦଳଗୁଡ଼ିକର ସମର୍ଥନ ପରେ ବିଜୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗାଦିରେ ବସିବା ସହଜ ହୋଇଥିଲା। ବେଟ୍ରିଭେଲ୍ ଓଏସଡି ଭାବେ ନିଯୁକ୍ତି ଦିଆଯିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହା ସ୍ପଷ୍ଟ କରୁଛି ଯେ, ଆଗାମୀ ଦିନରେ ତାମିଲନାଡୁ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଜ୍ୟୋତିଷ ଶାସ୍ତ୍ର ଓ ଶୁଭ ମୁହୂର୍ତ୍ତର ଏକ ବଡ଼ ଭୂମିକା ରହିବ। ଜଣେ ବ୍ୟକ୍ତିଗତ ପରାମର୍ଶଦାତାଙ୍କୁ ସରକାରୀ ପଦବୀରେ ଅଧିଷ୍ଠିତ କରି ବିଜୟ ନିଜର ବିଶ୍ୱସ୍ତତା ପ୍ରମାଣିତ କରିଛନ୍ତି।

## ଆତଙ୍କବାଦ ଉପରେ ପାକିସ୍ତାନକୁ ସେନା ମୁଖ୍ୟଙ୍କ ଚେତାବନୀ, ଦେଲେ ଦୁଇଟି ବିକଳ୍ପ

**ନୂଆଦିଲ୍ଲୀ (ଏଜେନ୍ସି):** ଭାରତର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ ଆତଙ୍କବାଦୀ ଦେଶ କହି କଡା ଚେତାବନୀ ଦେଇଛନ୍ତି। ଶନିବାର ଆୟୋଜିତ 'ସେନା ସମ୍ବାଦ' କାର୍ଯ୍ୟକ୍ରମରେରେ ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି ପାକିସ୍ତାନ ଆତଙ୍କବାଦୀଙ୍କୁ ସୁରକ୍ଷା ଦେବ ଓ ଭାରତ ବିରୋଧରେ ଗତିବିଧି ଜାରି ରଖିବ, ତେବେ ତା ନିକଟରେ ଦୁଇଟି ବିକଳ୍ପ ରହିବ। ସେ ଭୂଗୋଳ ହୋଇ ମ୍ୟାପରେ ରହିବାକୁ ଚାହୁଁଛି ନା ଇତିହାସ ହୋଇ ରହିବାକୁ ଚାହୁଁଛି ? ଏହି କାର୍ଯ୍ୟକ୍ରମ 'ୟୁନିଫର୍ମ ଅନଭେଲ୍ଡ' ସଂଗଠନ ଦ୍ୱାରା ଆୟୋଜିତ ଏକ ସିଭିଲ-ମିଲିଟାରୀ ଆଲୋଚନା ଥିଲା। କାର୍ଯ୍ୟକ୍ରମରେ, ଜେନେରାଲ ଦ୍ୱିବେଦୀଙ୍କୁ ଯେତେବେଳେ ପଚରାଯାଇଥିଲା ଯେ ଯଦି ଭବିଷ୍ୟତରେ ଅପରେସନ ସିନ୍ଦୁର ସମୟରେ ଘଟିଥିବା ସମାନ ପରିସ୍ଥିତି ସୃଷ୍ଟି ହୁଏ, ତେବେ ଭାରତୀୟ ସେନାର ପ୍ରତିକ୍ରିୟା କ'ଣ ହେବ। ଜବାବରେ, ସେନା ମୁଖ୍ୟ କହିଥିଲେ ଯେ ଭାରତ ଏହାର ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରସ୍ତୁତ।

# ଆଇନ ଅଦାଲତ

# ଅଦାଲତଙ୍କ କ୍ଷେତ୍ରାଧିକାର ଓ ରାଜ୍ୟ ବାହାରୁ ଗିରଫଦାରୀ ପ୍ରସଙ୍ଗ ମାର୍ଗଦର୍ଶିକା ଜାରି କଲେ ହାଇକୋର୍ଟ



**କଟକ (ଏନ୍.ଏମ୍.):** ରାଜ୍ୟ ବାହାରୁ ବା ଅଦାଲତଙ୍କ କ୍ଷେତ୍ରାଧିକାର (ଜୁରିସଡିକ୍ସନ) ବାହାରୁ ବିନା ୱାରେଣ୍ଟରେ ଗିରଫ କରାଯିବା, ଅଟକ ରଖିବା ଓ ଅଦାଲତରେ ଅଭିଯୁକ୍ତଙ୍କୁ ହାଜର କରାଯିବା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏଭଳି ଗିରଫଦାରୀ ବେଳେ ପୁଲିସକୁ ଏଣିକି କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାକୁ ପଡ଼ିବ। ଏ ନେଇ ରାଜ୍ୟ ପ୍ରଶାସନ ଓ ଅନ୍ୟ ଅଂଶୀଦାରଙ୍କ ଉଦ୍ଦେଶ୍ୟରେ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ତଥା ମାର୍ଗଦର୍ଶିକା ହାଇକୋର୍ଟ ଜାରି କରିଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ବାହାର ରାଜ୍ୟରୁ ବା ଅଦାଲତଙ୍କ କ୍ଷେତ୍ରାଧିକାର ବାହାରୁ ଗିରଫ କରାଯାଏ ଓ ତାଙ୍କୁ ୨୪ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଅଦାଲତରେ ହାଜର କରିବା ସମ୍ଭବ ହୋଇନଥାଏ, ତେବେ ତାଙ୍କୁ ବିନା ବିଳମ୍ବରେ ନିକଟସ୍ଥ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବାକୁ ହେବ ବୋଲି କହିଛନ୍ତି ହାଇକୋର୍ଟ। ସମ୍ବିଧାନର ଧାରା ୨୨, ବିଏନଏସଏସର ଧାରା ୩୬, ୪୭, ୪୮, ସିଆରପିସିର ଧାରା ୪୧-ବି, ୫୦, ୫୦-ଏ ପାଳନ କରାଯିବ। ଗିରଫଦାରୀ ସମୟରେ ଗିରଫ କରୁଥିବା ଅଧିକାରୀ ସ୍ଥାନୀୟ ଥାନାର ସହାୟତା ନେବେ, ସ୍ଥାନୀୟ ପୁଲିସକୁ ଉପଯୁକ୍ତ ପୁସ୍ତିକାରେ ଗିରଫ ସମ୍ପର୍କିତ ତଥ୍ୟ ତାରିଖ, ସମୟ ଉଲ୍ଲେଖ କରିବାକୁ ଅନୁରୋଧ କରିବେ। ଗିରଫ ସମ୍ପର୍କରେ ସମ୍ପୃକ୍ତ ଜିଲ୍ଲାର ପୁଲିସ ଅଧିକାରୀ ଓ ଅଭିଯୁକ୍ତ ରହୁଥିବା ଜିଲ୍ଲାର ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବାକୁ ହେବ। ଗିରଫ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ଅଦାଲତକୁ ଆଣିବା ପାଇଁ ପୁଲିସକୁ ନିକଟସ୍ଥ ମାଜିଷ୍ଟ୍ରେଟଙ୍କ ଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡ ଆଣିବାକୁ ପଡ଼ିବ। ଗିରଫ କରୁଥିବା ଅଧିକାରୀ ତୁରନ୍ତ ଇ-ମେଲ୍ କିମ୍ବା ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଗିରଫର ତାରିଖ, ସମୟ ଏବଂ ସ୍ଥାନ ସମ୍ପର୍କରେ ସମ୍ପୃକ୍ତ କ୍ଷେତ୍ରାଧିକାରୀ ଅଦାଲତଙ୍କୁ ଜଣାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାର ଏକ କପି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁପାଳନ ପାଇଁ ପଠାଇବାକୁ ହାଇକୋର୍ଟ କହିଛନ୍ତି। ଏଥି ସହିତ ଏହି ନିର୍ଦ୍ଦେଶର କପି ରାଜ୍ୟର ସମସ୍ତ ଫୌଜଦାରୀ ମାମଲା ଶୁଣାଣି କରୁଥିବା ଅଦାଲତ, ଓଡ଼ିଶା ଜୁଡିସିଆଲ ଏକାଡେମି ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବଙ୍କୁ ଉପଲବ୍ଧ କରାଯିବ। ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଭି.ଦିଲ୍ଲୀପ କୁମାରଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ରାଇଘର ଥାନାର ଏକ ଦୁଷ୍କର୍ମ ଓ ମାନବ ଚାଲାଣ ଅଭିଯୋଗ ମାମଲାରେ ପୁଲିସ ଆନ୍ଧ୍ରପ୍ରଦେଶରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ କରିବା ପରେ ପୁଲିସ ତାଙ୍କୁ ସେଠାକାର ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ନ କରି ସିଧା ଓଡ଼ିଶା ନେଇ ଆସିଥିବା ଅଭିଯୋଗ ହୋଇଥିଲା। ଯାତ୍ରା ସମୟକୁ ବାଦ୍ ଦେଲେ ମଧ୍ୟ ଅଭିଯୁକ୍ତଙ୍କୁ ପ୍ରାୟ ୩୨ ଘଣ୍ଟା କାଳ ଅଟକ ରଖାଯାଇଥିଲା, ଯାହାକି ସମ୍ବିଧାନର ଧାରା ୨୨(୨) ଓ ବିଏନଏନଏସର ଧାରା ୫୮ର ଉଲ୍ଲଙ୍ଘନ ବୋଲି ହାଇକୋର୍ଟରେ ଜାମିନ ଆବେଦନର ଶୁଣାଣି ବେଳେ ଦର୍ଶାଯାଇଥିଲା। ହାଇକୋର୍ଟ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେବା ସହିତ ଭବିଷ୍ୟତରେ ଏଭଳି ପରିସ୍ଥିତି ଏଡ଼ାଇବା ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି।

# ୧୦ ଅଭିଯୁକ୍ତଙ୍କ ବିରୋଧରେ ଦାଖଲ ହେଲା ସାଢ଼େ ୭ ହଜାର ପୃଷ୍ଠାର ଚାର୍ଜସିଟ୍



**ନୂଆଦିଲ୍ଲୀ (ଏଜେନ୍ସି):** ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ଚାର୍ଜସିଟ୍ ଦାଖଲ। ଏନଆଇଏ ପକ୍ଷରୁ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଛି। ବୁଧବାର ଦିଲ୍ଲୀ ସ୍ୱତନ୍ତ୍ର ଅଦାଲତରେ ସାଢ଼େ ୭ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି। ୨୦୨୫ରେ ଘଟିଥିବା ଏହି ବିସ୍ଫୋରଣରେ ୧୧ଜଣ ପ୍ରାଣ ହରାଇଥିଲେ ଏବଂ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଘଟଣାରେ ଏନଆଇଏ ତଦନ୍ତ କରି ୧୦ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧ ପ୍ରମାଣ ମିଳିବା ପରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଛି। ଏନଆଇଏ ଅନୁଯାୟୀ, ସମସ୍ତ ୧୦ ଜଣ ଅଭିଯୁକ୍ତ 'ଅନସାର ଗଜୱତ-ଉଲ-ହିନ୍ଦ୍' ସଂଗଠନ ସହିତ ଜଡିତ ଥିଲେ। ଯାହାକୁ ଅଲ-କାଏଦା ପ୍ରେରିତ ଆତଙ୍କବାଦୀ ସଂଗଠନ ବୋଲି କୁହାଯାଇଛି। ଏହି ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ଉମର ଉନ ନବୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ସହିତ ଅନ୍ୟ ୯ଜଣ ଅଭିଯୁକ୍ତଙ୍କ ନାଁ ଚାର୍ଜସିଟରେ ସାମିଲ କରାଯାଇଛି। ଡାକ୍ତର ନବୀଙ୍କ ବ୍ୟତୀତ, ଚାର୍ଜସିଟରେ ସାମିଲ୍ ଥିବା ଅଭିଯୁକ୍ତମାନେ ହେଲେ ଆମିର ରଶିଦ ମିର, ଜସିର ବିଲାଲ ୱାନି, ଡାକ୍ତର ମୁଜାମ୍ମିଲ ଶକିଲ, ଡାକ୍ତର ଅଦିଲ ଆହମଦ ରାଥର, ଡାକ୍ତର ଶାହିନ ସଇଦ, ମୁଫ୍‌ତି ଇରଫାନ ଆହମଦ ୱାଗେ, ସୋଏବ, ଡାକ୍ତର ବିଲାଲ୍ ନସିର ମଲ୍ଲା ଏବଂ ୟାସିର ଆହମଦ ଡାର୍। ଚାର୍ଜସିଟ୍ ପ୍ରସ୍ତୁତ କରିବା ପୂର୍ବରୁ ଜାତୀୟ ଯାଞ୍ଚ ଏଜେନ୍ସି ଦେଶର ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରିଛି। ଜମ୍ମୁ-କାଶ୍ମୀର, ହରିୟାଣା, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଏବଂ ଦିଲ୍ଲୀ-ଏନସିଆର ଭଳି ଅଞ୍ଚଳକୁ ବ୍ୟାପି ଥିଲା ଏହାର ଲିଙ୍କ୍। ଏଥିରେ ୫୮୮ଟି ମୌଖିକ ସାକ୍ଷ୍ୟ, ୩୯୫ରୁ ଅଧିକ ଦଲିଲପତ୍ର ଏବଂ ୨୦୦ରୁ ଅଧିକ ଜବତ ସାମଗ୍ରୀକୁ ପ୍ରମାଣ ସ୍ୱରୂପ ସାମିଲ୍ କରାଯାଇଛି।

## ହାଇକୋର୍ଟରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କୁ ପେନସନ୍ ପ୍ରସଙ୍ଗ, ସମୟ ଲୋଡ଼ା ଯିବା ପ୍ରସଂଗକୁ ନେଇ ଅସନ୍ତୋଷ



**କଟକ (ଏନ୍.ଏମ୍.):** ହାଇକୋର୍ଟରେ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ସଂପର୍କିତ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ପୁଣି ସମୟ ଲୋଡ଼ାଯିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଗ୍ରୀଷ୍ମ ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁନିବେଦନ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରତିପକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଏହାକୁ ବିରୋଧ କରିଥିଲେ। ୨୦୨୬, ଫେବ୍ରୁଆରି ୧୭ର ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କୁ ଆଉ ସମୟ ପ୍ରଦାନ କରାଯିବ ନାହିଁ ବୋଲି ଉଲ୍ଲେଖ କରାଯାଇଥିବା ନେଇ ପ୍ରତିପକ୍ଷଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ହାଇକୋର୍ଟ ମେ ୨୧କୁ ଏ ସଂପର୍କିତ ମାମଲା ଗୁଡ଼ିକର ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତା ସଂପନ୍ନ କମିଟି ଗଠନ କରାଯାଇଥିବା ନେଇ ସରକାର ପୂର୍ବରୁ ଅବଗତ କରିଥିବା ବେଳେ ଏହି କମିଟି କଣ କରିଛି ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି। କମିଟି ସଦସ୍ୟଙ୍କ ନାମ ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା କମିଟି ସଦସ୍ୟଙ୍କ ତରଫରୁ କୌଣସି ଅବହେଳା କିମ୍ବା ତ୍ରୁଟି କ୍ଷେତ୍ରରେ ସେମାନଙ୍କ ବିରୋଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବ୍ଲକ୍‌ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁ ନାହିଁ। ପୂର୍ବରୁ ଏହି ପ୍ରସଙ୍ଗ ନେଇ ଶରତଚନ୍ଦ୍ର ପରିଡାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ୨୦୧୫ରେ ହାଇକୋର୍ଟ ବ୍ଲକ୍‌ଗ୍ରାଣ୍ଟ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ରାୟ ଦେଇଥିଲେ। ଏହି ରାୟ ସୁପ୍ରିମକୋର୍ଟରେ କାଏମ ରହିଥିଲା। ପରବର୍ତ୍ତୀ ସମୟରେ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସର ପର ଦିନଠାରୁ ପ୍ରଦାନ କରାଯାଉ ବୋଲି ଦର୍ଶାଇ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶତାଧିକ କର୍ମଚାରୀ ଦାଖଲ କରିଥିବା ଦରଖାସ୍ତକୁ କିନ୍ତୁ ସରକାର ଖାରଜ କରିଥିଲେ। ଏହାପରେ ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ତିନି ମାସ ଭିତରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ୨୦୨୪, ଜାନୁଆରି ୧୨ରେ ରାୟ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଏକାଧିକ ରିଟ୍ ଅପିଲ ଦାୟର କରିଥିଲେ। ସରକାରଙ୍କ ଆବେଦନ ଗୁଡ଼ିକର ହାଇକୋର୍ଟରେ ଏବେ ଏକତ୍ର ଶୁଣାଣି ଚାଲିଛି। ପ୍ରତିପକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି, ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଇନ୍ଧନ ସଞ୍ଚୟ ନିବେଦନ କାର୍ ପୁଲିଂ, ଭର୍ଚୁଆଲ ଶୁଣାଣି ଆପଣାଇବେ ସୁପ୍ରିମକୋର୍ଟ ବିଚାରପତି

**ନୂଆଦିଲ୍ଲୀ (ଏଜେନ୍ସି):** ପଶ୍ଚିମ ଏସିଆ ସଂକଟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଇନ୍ଧନ ସଞ୍ଚୟ ପାଇଁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ ପରେ ସରକାରୀ ସ୍ତରରେ ଇନ୍ଧନ ସଞ୍ଚୟ ଓ ଅନ୍ୟାନ୍ୟ ଖର୍ଚ୍ଚକାଟ୍ ପାଇଁ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ସୁପ୍ରିମକୋର୍ଟ ମଧ୍ୟ ଇନ୍ଧନ ସଞ୍ଚୟ ଲାଗି ପଦକ୍ଷେପ ନେଇଛନ୍ତି। ସୁପ୍ରିମକୋର୍ଟ ସେକ୍ରେଟାରୀ ଜେନେରାଲ ଭରତ ପରାସରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଗ୍ରୀଷ୍ମ ଅବକାଶ ଓ ଅନ୍ୟାନ୍ୟ ଆଂଶିକ କାର୍ଯ୍ୟଦିବସରେ ବିଚାରପତିମାନେ ଭର୍ଚୁଆଲ (ଆଭାସି) ମାଧ୍ୟମରେ ମାମଲାର ଶୁଣାଣି କରିବେ। ଏଥପାଇଁ ସୁପ୍ରିମକୋର୍ଟ ରେଜିଷ୍ଟ୍ରିଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଏପରିକି କେତେକ ବିଚାରପତି କାର୍ଯ୍ୟାଳୟକୁ କାର୍ ପୁଲିଂରେ ଆସିବା ଲାଗି ସମ୍ମତି ପ୍ରକାଶ କରିଛନ୍ତି। ସେହିପରି ରେଜିଷ୍ଟ୍ରିର ବିଭିନ୍ନ ବିଭାଗର ୫୦% କର୍ମଚାରୀ ସପ୍ତାହକୁ ଦୁଇଦିନ ଘରେ ରହି କାମ କରିବେ (ୱାର୍କ ଫ୍ରମ ହୋମ୍)।

ନିଷ୍କର୍ଷ
NISHKARSHA

## ସମ୍ପାଦକୀୟ


### ଏକ ଅସ୍ଥିର ମୁହୂର୍ତ୍ତରେ ବିଶ୍ୱ ସଂଘର୍ଷ, ଅର୍ଥନୀତି ଏବଂ ମାନବତାର ଭବିଷ୍ୟତ

ବିଶ୍ୱ ରାଜନୀତି ଏବଂ ଅର୍ଥନୀତିର ବର୍ତ୍ତମାନର ପରିସ୍ଥିତି ଏକ ଅନିଶ୍ଚିତ ମୁହୂର୍ତ୍ତରେ ପହଞ୍ଚିଛି, ଯେଉଁଠାରେ ଦୈନନ୍ଦିନ ଘଟଣାଗୁଡ଼ିକ କେବଳ ଗୋଟିଏ ଦେଶର ସୀମା ମଧ୍ୟରେ ସୀମିତ ନୁହେଁ; ବରଂ ସେମାନଙ୍କର ପ୍ରଭାବ ସାରା ବିଶ୍ୱରେ ବ୍ୟାପିବାରେ ଲାଗିଛି । ଯୁଦ୍ଧ, ଅର୍ଥନୈତିକ ମାନ୍ଦାବସ୍ଥା, ଜଳବାୟୁ ପରିବର୍ତ୍ତନ, ପ୍ରଯୁକ୍ତିବିଦ୍ୟା ପ୍ରତିଯୋଗିତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସଙ୍କଟ - ଏସବୁ ଆଜିର ବିଶ୍ୱର ଗଭୀର ଅସ୍ଥିରତାରେ ଯୋଗଦାନ କରୁଛି । ରୁଷ-ୟୁକ୍ରେନ ଯୁଦ୍ଧ ତୃତୀୟ ବର୍ଷରେ ପ୍ରବେଶ କରିଛି । ଏହି ସଂଘର୍ଷ କେବଳ ୟୁରୋପର ସୁରକ୍ଷାକୁ ପ୍ରଶ୍ନବାଚୀରେ ପକାଇନାହିଁ, ବରଂ ସାରା ବିଶ୍ୱରେ ଶକ୍ତି ଏବଂ ଖାଦ୍ୟ ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ବିପର୍ଯ୍ୟସ୍ତ କରିଛି । ଗହମ, ତେଲ ଏବଂ ଗ୍ୟାସର ମୂଲ୍ୟ ବୃଦ୍ଧି ବିକାଶଶୀଳ ଦେଶଗୁଡ଼ିକର ଅର୍ଥନୀତି ଉପରେ ଗୁରୁତର ଚାପ ପକାଇଛି । ଅନ୍ୟପକ୍ଷରେ, ପଶ୍ଚିମ ଏସିଆରେ ଇସ୍ରାଏଲ-ଗାଜା ସଂଘର୍ଷ ଏକ ମାନବିକ ବିପର୍ଯ୍ୟୟର ଏକ ଭୟଙ୍କର ଉଦାହରଣ ପାଲଟିଛି । ହଜାର ହଜାର ନିରୀହ ଲୋକଙ୍କ ମୃତ୍ୟୁ, ଶରଣାର୍ଥୀ ସଙ୍କଟ ଏବଂ ଅନ୍ତର୍ଜାତୀୟ କୂଟନୀତିର ବିଫଳତା ବିଶ୍ୱ ବିବେକକୁ ଦୋହଲାଇ ଦେଉଛି । ଏହା ସହିତ, ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରାଧାନ୍ୟ ସଂଘର୍ଷ ଏକ ନୂତନ ପ୍ରକାରର 'ଶୀତଳ ଯୁଦ୍ଧ'ର ସଙ୍କେତ ଦେଉଛି । କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଶିଳ୍ପ ଏବଂ ସାମରିକ ପ୍ରଯୁକ୍ତିବିଦ୍ୟାରେ ପ୍ରତିଯୋଗିତା ତୀବ୍ର ହେଉଛି । ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ଏହି ସଂଘର୍ଷ ଅନ୍ତର୍ଜାତୀୟ ବଜାରରେ ଅନିଶ୍ଚିତତା ସୃଷ୍ଟି କରୁଛି । ଏହି ପ୍ରତିଦ୍ୱନ୍ଦ୍ୱିତାରେ ବିକାଶଶୀଳ ଦେଶମାନେ ସେମାନଙ୍କର ସ୍ୱାର୍ଥକୁ ସୁରକ୍ଷା ଦେବାରେ କଷ୍ଟକର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ବିଶ୍ୱ ଅର୍ଥନୀତିର ଅବସ୍ଥା ମଧ୍ୟ ଚିନ୍ତାଜନକ । କରୋନା ମହାମାରୀ ପ୍ରଭାବ ସମ୍ପୂର୍ଣ୍ଣ ଦୂର ହେବା ପୂର୍ବରୁ, ମୁଦ୍ରାସ୍ଫୀତି, ବେକାରୀ ଏବଂ ଋଣର ବୋଝ ଅନେକ ଦେଶର ସାଧାରଣ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବାରମ୍ବାର ଚେତାବନୀ ଦେଇଛି ଯେ ବିଶ୍ୱ ଅର୍ଥନୀତି ଦୀର୍ଘକାଳୀନ ମାନ୍ଦାବସ୍ଥାର ବିପଦରେ ଅଛି । ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକାର ଅନେକ ଦେଶରେ ପୁଣି ଦାରିଦ୍ର୍ୟ ବୃଦ୍ଧି ପାଉଛି । ଜଳବାୟୁ ପରିବର୍ତ୍ତନ ଆଉ ଭବିଷ୍ୟତର ବିପଦ ନୁହେଁ; ଏହା ବର୍ତ୍ତମାନର ବାସ୍ତବତା । ୟୁରୋପରେ ଗରମ ଲହରୀ, ଆଫ୍ରିକାରେ ମରୁଡ଼ି, ଦକ୍ଷିଣ ଏସିଆରେ ବନ୍ୟା ଏବଂ ଘୂର୍ଣ୍ଣିବାତ୍ୟା ପ୍ରମାଣ କରୁଛି ଯେ ପ୍ରକୃତି ଧୀରେ ଧୀରେ ପ୍ରତିଶୋଧ ନେଉଛି । ତଥାପି, ବିକଶିତ ଦେଶଗୁଡ଼ିକର ପ୍ରତିଶ୍ରୁତି ଏବଂ ବ୍ୟବହାରିକ ପଦକ୍ଷେପ ମଧ୍ୟରେ ଏବେ ବି ଏକ ବିରାଟ ବ୍ୟବଧାନ ରହିଛି । ପରିବେଶ ସୁରକ୍ଷା ପ୍ରସଙ୍ଗରେ ବିଶ୍ୱ ନେତୃତ୍ୱର ଆନ୍ତରିକତାର ଅଭାବ ସ୍ପଷ୍ଟ । ଗଣତନ୍ତ୍ର ଏବଂ ମାନବାଧିକାର ଦୃଷ୍ଟିରୁ ମଧ୍ୟ ପରିସ୍ଥିତି ଆଶାଜନକ ନୁହେଁ । ବିଭିନ୍ନ ଦେଶରେ ରାଜନୈତିକ ଧ୍ରୁବୀକରଣ, ପ୍ରେସର ସ୍ୱାଧୀନତା ଉପରେ ଆକ୍ରମଣ ଏବଂ ମତବ୍ୟକ୍ତ କରିବାର ଅଧିକାରକୁ ସଙ୍କୁଚିତ କରିବାର ପ୍ରବୃତ୍ତି ଚିନ୍ତା ସୃଷ୍ଟି କରୁଛି । ସୋସିଆଲ ମିଡିଆରେ ନକଲି ସୂଚନାର ପ୍ରସାର ସମାଜକୁ ଆହୁରି ବିଭାଜିତ କରୁଛି । ତଥାପି, ଏହି ଅନ୍ଧାରରେ ମଧ୍ୟ ଆଶା ଅଛି । ଅନ୍ତର୍ଜାତୀୟ ସହଯୋଗ, ବିଜ୍ଞାନ ଏବଂ ପ୍ରଯୁକ୍ତିର ସକାରାତ୍ମକ ବ୍ୟବହାର ଏବଂ ମାନବିକ ମୂଲ୍ୟବୋଧର ପୁନରୁଦ୍ଧାର ବିଶ୍ୱକୁ ଏକ ନୂତନ ପଥ ଦେଖାଇପାରିବ । ଯାହା ଆବଶ୍ୟକ ତାହା ହେଉଛି କ୍ଷମତାର ରାଜନୀତି ନୁହେଁ, ବରଂ କରୁଣା ଏବଂ ଆଲୋଚନାର ରାଜନୀତି । ଆଜି ବିଶ୍ୱ ଯେଉଁ ସଙ୍କଟର ସମ୍ମୁଖୀନ ହେଉଛି ତାହା କୌଣସି ଗୋଟିଏ ଦେଶ ଦ୍ୱାରା ସମାଧାନ କରାଯାଇପାରିବ ନାହିଁ । ଏହି ସମୟରେ ଦାୟିତ୍ୱପୂର୍ଣ୍ଣ ନେତୃତ୍ୱ, ବିଶ୍ୱ ଏକତା ଏବଂ ମାନବତା ପ୍ରତି ପ୍ରତିବଦ୍ଧତା ଆବଶ୍ୟକ । ନଚେତ୍, ଭବିଷ୍ୟତ ପିଢ଼ି ଆମର ବିଫଳତାର ମୂଲ୍ୟ ବହନ କରିବେ । ବିଶ୍ୱର ଏହି ଜଟିଳ ପରିସ୍ଥିତିରେ, ଜାତିସଂଘ ଭଳି ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ଭୂମିକା ବିଷୟରେ ମଧ୍ୟ ପ୍ରଶ୍ନ ଉଠାଯାଉଛି । ଅନେକ କ୍ଷେତ୍ରରେ, ସେମାନେ ପ୍ରଭାବଶାଳୀ ପଦକ୍ଷେପ ନେବାରେ ବିଫଳ ହୋଇଥିବା ଅଭିଯୋଗ କରାଯାଉଛି । ସେହି ସମୟରେ, ସାଧାରଣ ଲୋକଙ୍କ ମଧ୍ୟରେ ଶାନ୍ତି, ସହନଶୀଳତା ଏବଂ ବିଶ୍ୱ ଦାୟିତ୍ୱବୋଧ ବିକଶିତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କାରଣ ଶେଷରେ, ବିଶ୍ୱକୁ ରକ୍ଷା କରିବା ପାଇଁ, କେବଳ ରାଜ୍ୟ ନେତାମାନଙ୍କୁ ନୁହେଁ ବରଂ ନାଗରିକ ସମାଜକୁ ମଧ୍ୟ ଆଗକୁ ଆସିବାକୁ ପଡିବ ।

## କବିତା ଗୁଚ୍ଛ

### ଅଶ୍ରୁ

ଅଶ୍ରୁ ଦୁଇଟୋପା ଝରି ପଡେ ଯେବେ
ଲୋତକର ଧାରା ଯେତେ,
ଜାଣିବା କଠିନ ଆନନ୍ଦର କିବା
ବିଷାଦର ଏହା ସତେ ।।୧।।
ଅମାପ ଶକତି ଲୁଚିରହିଥାଏ
ଏଇ ଅଶ୍ରୁର ଧାରେ,
ପାଷାଣ ହୃଦୟ ତରଳାଇ ପାରେ
କେତେ ସହଜରେ ଧିରେ ।।୨।।
ମୁଁ ଦେଖିଛି ତୁମ ଲୁହର ବୁନ୍ଦାରେ
ଝରି ପଡେ ହୀରା ମୋତି,
ପାଦ ଅଟକେମୋ ' ମନ୍ଥର ଗତିରେ
ଧରି ରଖେ ମୁଁ ସାଉଁଟି ।।୩।।
ତୁମେ ସବୁଦିନେ ଅଭିମାନୀ ହୋଇ
ଦେଖା ଦେଉଥାଅ ମୋତେ,
କଥା କଥାକରେ ଅଶ୍ରୁ ନିଗାଡି
ବିବଶ କରଯେ କେତେ ।।୪।।
ପୋଛିଦେଇ ଲୁହ ପଣତ କାନିରେ
ମୁହଁ ଲୁଚାଇଲେ ଯେତେ,
ମୋ ଆଖିରୁ ବାଦ ଯାଏନା କେବେବି
ଅନ୍ତର ଜଳାଏ ସତେ ।।୫।।
କଥା ଦିଅ ପ୍ରିୟା ଆଉ ଢ଼ାଳିବନି
ଅଯଥାରେ କେବେ ଲୁହ,
ସେ ଲୁହକୁ ମୋର ପ୍ରାଣେ ଡ଼ର ଥାଏ
କେମିତି କହିବି କୁହ ? ।।୬।।



- ଚିତ୍ରାରାଣୀ ପାତ୍ର
ବାଲେଶ୍ୱର

# ଆନ୍ଧ୍ର ପ୍ରଦେଶ : ଆସନ୍ନ ମାଓବାଦୀ ପତନ

କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ମାର୍ଚ୍ଚ ୩୧, ୨୦୨୬ ସମୟସୀମା ପୂର୍ବରୁ, ୩୦ ମାର୍ଚ୍ଚ ୨୦୨୬ରେ, ଆନ୍ଧ୍ର ପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହରିଶ କୁମାର ଗୁପ୍ତା ଘୋଷଣା କରିଥିଲେ ଯେ, ଏହି ରାଜ୍ୟ ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାଓବାଦୀ (ସିପିଆଇମାଓବାଦୀ) ମୁକ୍ତ ହୋଇଛି । ବିଜୟୱାଡାରେ ଏକ ସାମ୍ବାଦିକ ସମ୍ମିଳନୀରେ, ଡିଜିପି ଗୁପ୍ତା କହିଥିଲେ ଗତ ୧୮ମାସରେ, ଏନକାଉଣ୍ଟରରେ ୧୮ ଜଣ ମାଓବାଦୀ ନିହତ ହୋଇଛନ୍ତି, ଯେଉଁଥିରେ ସେଣ୍ଟ୍ରାଲ କମିଟି ସଦସ୍ୟ ମାଡଭି ହିଡମା ଏବଂ ଗଜରଲା ରବି, ମେଙ୍ଗୁରି ଜୋଗାରାଓ ଓରଫ୍ ଟେକ୍ ଶଙ୍କର, ଏ.ଓ.ବି. ସ୍ପେସିଆଲ ଜୋନାଲ କମିଟି ସଦସ୍ୟ ଭେଙ୍କଟ ରବି ଚୈତନ୍ୟ ଓରଫ୍ ଅରୁଣ, କାକୁରି ପାଣ୍ଡନ୍ନା ଏବଂ ମଦକମ ରାଜେଙ୍କ ଭଳି ପ୍ରମୁଖ ନେତା ମଧ୍ୟ ସାମିଲ ଅଛନ୍ତି । ପୋଲିସ ୮୧ ଜଣଙ୍କୁ ଗିରଫ କରିଛି, ୧୦୬ ଜଣ ଆତ୍ମସମର୍ପଣ କରିଛନ୍ତି, ୧୨୦ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି ଏବଂ ଅତିରିକ୍ତ ଅସ୍ତ୍ରଶସ୍ତ୍ର ଗଚ୍ଛିତ ସ୍ଥାନଗୁଡ଼ିକୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରହିଛି । ସରକାରୀ ନିୟମ ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସୁବିଧା ଏବଂ ନଗଦ ପୁରସ୍କାର ପ୍ରଦାନ କରିବାକୁ ପ୍ରତିବଦ୍ଧତା ସହିତ, ବାମପନ୍ଥୀ ଉଗ୍ରବାଦ ବିରୁଦ୍ଧରେ ପ୍ରୟାସ ଜାରି ରହିଛି ।

ଦକ୍ଷିଣ ଏସିଆ ଆତଙ୍କବାଦ ପୋର୍ଟାଲରୁ ମିଳିଥିବା ତଥ୍ୟ ବାମପନ୍ଥୀ ଉଗ୍ରବାଦ ସହିତ ଜଡିତ ଘଟଣାରେ ହ୍ରାସ ସୂଚାଇଥାଏ, ଯାହା ୨୦୨୫ ରେ ୧୮ଟି ଥିଲା, ୨୦୨୪ ରେ ୧୨ ଟି ଥିଲା । ଘଟଣା ହ୍ରାସର ଏହି ଧାରା ୨୦୧୮ରୁ ଜାରି ରହିଛି - ଯେତେବେଳେ ୩୭ଟି ଘଟଣା ଘଟିଥିଲା - ୨୦୧୯ ରେ ୩୦ ଟି, ୨୦୨୦ ରେ ୧୯ଟି, ୨୦୨୧ରେ ୧୫, ୨୦୨୨ ରେ ୧୪ ଏବଂ ଉଭୟ ୨୦୨୩ ଓ ୨୦୨୪ ରେ ୧୨ ଥିଲା । ୨୦୨୫ର ଏହି ବୃଦ୍ଧି ରାଜ୍ୟ ଏବଂ ସାରା ଦେଶରେ ମାର୍ଚ୍ଚ ୩୧, ୨୦୨୬ ପୂର୍ବରୁ ମାଓବାଦର ମୂଳୋତ୍ପାଟନ ପାଇଁ ସୁରକ୍ଷା ବାହିନୀ ଦ୍ୱାରା କରାଯାଇଥିବା ତୀବ୍ର କାର୍ଯ୍ୟାନୁଷ୍ଠାନ ସହ ଜଡ଼ିତ ଥିଲା । ସେହିପରି ୨୦୨୦ ପର ଠାରୁ ହତ୍ୟା ଘଟଣା ମଧ୍ୟ ହ୍ରାସ ପାଇଛି । ୨୦୧୯ ରେ ସାତଟି ହତ୍ୟାକାଣ୍ଡ ଘଟିଥିଲା, ଯେଉଁ ସଂଖ୍ୟା ୨୦୨୦ ରେ ଚାରି, ୨୦୨୧ ରେ ଦୁଇ ଏବଂ ୨୦୨୨, ୨୦୨୩ ଏବଂ ୨୦୨୪ ରେ ଏକ କୁ ଖସି ଆସିଥିଲା । ପୁନଶ୍ଚ ହତ୍ୟା ଘଟଣା ୨୦୨୫ ରେ ବୃଦ୍ଧି ପାଇ ଚାରି ରେ ପହଞ୍ଚିଥିଲା । ମାଓବାଦୀ କାର୍ଯ୍ୟକଳାପ ଯୋଗୁଁ ମୃତ୍ୟୁ ସଂଖ୍ୟା ମଧ୍ୟ ହ୍ରାସ ପାଇଛି । ୨୦୧୯ରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ, ୨୦୨୦ରେ ଏହା ପାଞ୍ଚକୁ ହ୍ରାସ ପାଇ ୨୦୨୧ରେ ସାତକୁ ବୃଦ୍ଧି ପାଇଥିଲା ଏବଂ ତା'ପରେ ୨୦୨୨ ରୁ ୨୦୨୪ ପର୍ଯ୍ୟନ୍ତ ପ୍ରତିବର୍ଷ ମାତ୍ର ଗୋଟିଏକୁ ହ୍ରାସ ପାଇଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୫ରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିଲା । ଅଧିକନ୍ତୁ, ସାଧାରଣ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୨୦୧୯ ରେ ପାଞ୍ଚକୁ ହ୍ରାସ ପାଇ ୨୦୨୦ ରେ ଚାରି ହୋଇଥିଲା ଏବଂ ପରବର୍ତ୍ତି ଚାରି ବର୍ଷଗୁଡ଼ିକ (୨୦୨୧-୨୦୨୪) ରେ ଗୋଟିଏ ଲେଖାଏଁ ମୃତ୍ୟୁ ଘଟଣା ସାମ୍ନାକୁ ଆସିଥିଲା । ୨୦୨୫ରେ କୌଣସି ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇନଥିଲା । ଶେଷଥର ପାଇଁ ସୁରକ୍ଷା ବାହିନୀ ସଦସ୍ୟଙ୍କ ମୃତ୍ୟୁ ୫ମଇ, ୨୦୧୭ରେ ଘଟିଥିଲା, ଏବଂ ଏପର୍ଯ୍ୟନ୍ତ ସୁରକ୍ଷା ବାହିନୀ କର୍ମଚାରୀଙ୍କ ବିରୁଦ୍ଧରେ ଆଉ କୌଣସି ଘଟଣା ରିପୋର୍ଟ ହୋଇନାହିଁ । ୧୬ ଜୁନ୍ ୨୦୧୬ ରେ ମାଓ ମୃତାହତ ସହିତ ଜଡ଼ିତ ଶେଷ ପ୍ରମୁଖ ଘଟଣା (ତିନ କିମ୍ବା ତାଠାରୁ ଅଧିକ ମୃତ୍ୟୁ)ରେ ବିଶାଖାପାଟଣା ଜିଲ୍ଲାର ମାବା ପୋଲିସ୍ ଷ୍ଟେସନ୍ ସୀମା ଅନ୍ତର୍ଗତ କୋୟୁରୁ ମଣ୍ଡଳ (ପ୍ରଶାସନିକ ଉପବିଭାଗ)ର ଥେଗଲାମେଟ୍ଟା ଜଙ୍ଗଲ ଅଞ୍ଚଳରେ ଆନ୍ଧ୍ର ପ୍ରଦେଶ ପୋଲିସ୍‌ର ଗ୍ରେହାଉଣ୍ଡସ ସହ ଗୁଳି ବିନିମୟରେ ୬ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ତଥାପି, ଅଗଷ୍ଟ ୨୦୨୦ ପରଠାରୁ କୌଣସି ବଡ଼ ଘଟଣା କିମ୍ବା ବିସ୍ଫୋରଣ ଘଟିନାହିଁ, ଗତ କିଛି ବର୍ଷ ଧରି ସାଧାରଣ ନାଗରିକଙ୍କ ବିରୁଦ୍ଧରେ ବଡ଼ ଆକ୍ରମଣ ହୋଇନାହିଁ । ଜାନୁଆରୀ ୨୦୨୬ ପର ଠାରୁ, ଆନ୍ଧ୍ରପ୍ରଦେଶରେ କୌଣସି ବର୍ଗରେ କୌଣସି ବ୍ୟକ୍ତି ମ ମୃତାହତ ହୋଇନାହିଁ ଏବଂ ମାଓବାଦୀଙ୍କ ପକ୍ଷରୁ କୌଣସି ହିଂସା କିମ୍ବା ଧର୍ମଘଟ ଡାକରା ମିଳିନାହିଁ । ଏପ୍ରିଲ ୧୨, ୨୦୨୬ ସୁଦ୍ଧା, ୧୭ ଜଣ ମାଓବାଦୀ କୌଣସି ଗିରଫଦାରୀ ବିନା ଆତ୍ମସମର୍ପଣ କରିଛନ୍ତି । ଏହି ହ୍ରାସ ସକ୍ରିୟ ମାଓ କାର୍ଯ୍ୟକଳାପରେ ଏକ ସ୍ପଷ୍ଟ ହ୍ରାସକୁ ସୂଚିତ କରେ । ୨୦୦୫ ମସିହାରେ ଆନ୍ଧ୍ରପ୍ରଦେଶରେ ବାମପନ୍ଥୀ ଉଗ୍ରବାଦୀଙ୍କ କାର୍ଯ୍ୟକଳାପର ଶୀର୍ଷ ସ୍ଥାନ ଥିଲା ଯେଉଁଥିରେ ୫୦୭ଟି ଘଟଣା ଏବଂ ୧୩୨ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ସେବେଠାରୁ ପରିସ୍ଥିତିରେ ଉନ୍ନତି ଆସିଛି । ୨୦୨୫ ମସିହାରେ, ରାଜ୍ୟର ୨୬ଟି ଜିଲ୍ଲା ମଧ୍ୟରୁ କେବଳ ଗୋଟିଏରେ ମାଓ କାର୍ଯ୍ୟକଳାପ ରିପୋର୍ଟ କରାଯାଇଥିଲା, ଯେଉଁଥିରେ ଆଲୁରି ସୀତାରାମ ରାଜୁ ଜିଲ୍ଲାକୁ 'ମଧ୍ୟମ ପ୍ରଭାବିତ' ଭାବରେ ବର୍ଗୀକୃତ କରାଯାଇଥିଲା । ୨୦୨୪ ରେ ଚାରୋଟି ଜିଲ୍ଲାରେ ବ୍ୟାପକ ମାଓ କାର୍ଯ୍ୟକଳାପ ବ୍ୟାପିଥିବା ଦର୍ଶାଯାଇଥିଲା ଯେଉଁଥିରେ କରନୁଲ୍ ଜିଲ୍ଲା 'ମଧ୍ୟମ ପ୍ରଭାବିତ' ବର୍ଗରେ ଥିଲା ଏବଂ ଅନ୍ୟ ତିନଟି ଜିଲ୍ଲା (ଆଲୁରି ସୀତାରାମ ରାଜୁ, ପାର୍ବତୀପୁରମ୍ ମାନିୟମ ଓ ବିଶାଖାପାଟଣା)କୁ 'ସାମାନ୍ୟ ପ୍ରଭାବିତ' ଭାବରେ ବର୍ଗୀକୃତ କରାଯାଇଥିଲା । ନଭେମ୍ବର ୨୦୨୫ରେ, ରାଜ୍ୟ ଗୁଇନ୍ଦା ମୁଖ୍ୟ ଏବଂ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମହେଶ ଚନ୍ଦ୍ର ଲଡ୍ଡା ମାଓବାଦର ମୂଳୋତ୍ପାଟନ ପାଇଁ ଚାଲିଥିବା ପ୍ରୟାସକୁ ଗୁରୁତ୍ୱାରୋପ କରିଥିଲେ, ସଫଳ ଅପରେସନଗୁଡ଼ିକୁ ଆଲୋକପାତ କରିଥିଲେ ଯାହା ଯୋଗୁଁ ବହୁ ସଂଖ୍ୟକ ମାଓବାଦୀ ନିହତ ହୋଇଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଜବତ କରାଯାଇ ପାରିଥିଲା । ୨୦୨୬ ପ୍ରାରମ୍ଭରେ ହିଂସା ଏବଂ ପୋଲିସ କାର୍ଯ୍ୟକଳାପର ନିରନ୍ତର ଅଭାବ ପ୍ରଦର୍ଶନ କରାଯାଇଥିଲା, ଯାହା ଗୁରୁତ୍ୱପୂର୍ଣ୍ଣ ସ୍ଥିରତାକୁ ସୂଚାଇଥିଲା । ମାଓବାଦୀ ମାନଙ୍କ ପ୍ରଭାବ ହ୍ରାସ ସତ୍ତ୍ୱେ, ଆନ୍ଧ୍ରପ୍ରଦେଶ ପୋଲିସ ଯଥେଷ୍ଟ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ୨୦୨୪ ଜାନୁଆରୀ ୧ ତାରିଖ ସୁଦ୍ଧା, ଅନୁମୋଦିତ ୧,୧୦,୧୮୬ ପୋଲିସ ସଂଖ୍ୟା ବଦଳରେ ୮୮,୫୧୪ପୋଲିସ ସଂଖ୍ୟା ଥିଲା, ଯାହା ୧୯.୬୬% କମ୍ ଦର୍ଶାଉଛି । ଜାତୀୟ ହାର ୬୫.୭୮ ତୁଳନାରେ ପୋଲିସ-ଏରିଆ ଅନୁପାତ ୫୪.୩୩ ରହିଛି, ଯେତେବେଳେ ପୋଲିସ ଜନସଂଖ୍ୟା ଅନୁପାତ ୧୬୬.୧୮ ମଧ୍ୟ ଅନୁମୋଦିତ ସ୍ତର ତଳେ ଅଛି, ଯାହା ପ୍ରଭାବଶାଳୀ ପୋଲିସିଂକୁ ଆହୁରି ବାଧା ଦେଉଛି । ଆନ୍ଧ୍ର ପ୍ରଦେଶ ଏହାର ବିଦ୍ରୋହ ବିରୋଧୀ ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଠିଆ ହୋଇଛି, ଯେଉଁଠାରେ ଅନେକ ଦଶନ୍ଧି ଧରି ସମନ୍ୱିତ ସୁରକ୍ଷା ଏବଂ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପ୍ରତିଫଳିତ କରି ଯଥେଷ୍ଟ ଅଗ୍ରଗତି ହୋଇଛି ଯାହା ମାଓ ପ୍ରଭାବର ଆଭାସୀ ଅନ୍ତ ଘଟାଇଛି । ହିଂସା ଯୋଗୁଁ ଆତ୍ମସମର୍ପଣରେ ସାମ୍ପ୍ରତିକ ବୃଦ୍ଧି, ପାରମ୍ପରିକ ମାଓ ଅଞ୍ଚଳଗୁଡ଼ିକ ଉପରେ ସୁରକ୍ଷା ବାହିନୀ ନିୟନ୍ତ୍ରଣ ସହିତ, ଡିଜିପି ଶ୍ରୀ ଗୁପ୍ତାଙ୍କ ଦ୍ୱାରା ସ୍ପଷ୍ଟ କରାଯାଇଥିବା ସମୟସୀମା ମାର୍ଚ୍ଚ ୩୧, ୨୦୨୬ ଆଡକୁ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଦର୍ଶାଉଛି । ଯଦିଓ ମାଓବାଦର ତୁରନ୍ତ ବିପଦ ବିଶେଷକରି ପଡ଼ୋଶୀ ଅଞ୍ଚଳରୁ ସମ୍ଭାବ୍ୟ ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ । ସ୍ଥାୟୀ ଶାନ୍ତି ଏବଂ କ୍ୟାଡରଙ୍କ ସମନ୍ୱୟ ଏବଂ ତ୍ୱରିତ ଆଦିବାସୀ ହ୍ରାସ ପାଉଛି, ତଥାପି ଅବଶିଷ୍ଟ ବିପଦ ରହିଛି, ପ୍ରଭାବ ଏବଂ ଚାଲିଥିବା ସାମାଜିକ-ଅର୍ଥନୈତିକ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଆତ୍ମସମର୍ପଣକାରୀ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

- ଦୀପକ କୁମାର ନାୟକ
ଗବେଷଣା ସହଯୋଗୀ,
ଇନ୍‌ଷ୍ଟିଚ୍ୟୁଟ୍ ଫର କନଫ୍ଲିକ୍ଟ ମ୍ୟାନେଜମେଣ୍ଟ

# ଲକଡାଉନ ଠାରୁ ବି ଭୟଙ୍କର ବିପଦ ମାଡିଆସୁଛି !



ଇନ୍ଧନ ଗ୍ୟାସର ସଙ୍କଟ ଲକଡାଉନର ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଏଇ କେଇଦିନ ତଳେ ଗୁଜବ ଉଠି ଥିଲା; ଯୁଦ୍ଧ ଦୀର୍ଘ ଦିନ ଧରି ଚାଲିଲେ ହୁଏ ତ ଏହା ସତ୍ୟ ହୋଇପାରେ ! ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିନ୍ତୁ ବାରମ୍ବାର କରୋନା କାଳର ଉଲ୍ଲେଖ କରି ଏଇ ଆତଙ୍କକୁ ଇନ୍ଧନ ଯୋଗାଇ ଚାଲିଛନ୍ତି । ଲକଡାଉନ ହେବକି ନହେବ -ତାହା ଆଗାମୀ ଦିନରେ ଜଣାପଡିବ । ଇତ୍ୟବସରରେ ଇରାନ ଉପରେ ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲର ଯୌଥ ଆକ୍ରମଣ ଏକ ମାସ ଅତିକ୍ରମ କରିସାରିଛି । ଯଦି ଏହି ଆକ୍ରମଣ ଆହୁରି ଏକ ମାସ ଚାଲିବ ତ ଇନ୍ଧନ ଗ୍ୟାସ ସଙ୍କଟ ଏମିତି ଏକ ଅବସ୍ଥାକୁ ଚାଲିଯିବ, କେନ୍ଦ୍ର ସରକାରଙ୍କ ନିକଟରେ ଲକଡାଉନ ପରି ହତିଆର ବ୍ୟତୀତ ଅନ୍ୟ କିଛି ବିକଳ୍ପ ନଥିବ । କିନ୍ତୁ ଏସବୁ ଦୂରର କଥା । ମଧ୍ୟ ପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ଦେଶ ସାମ୍ନାରେ ସବୁଠାରୁ ବଡ ଯେଉଁ ସଙ୍କଟ ଇତିମଧ୍ୟରେ ଆଣି හଜାର କରେଇଛି , ତାହା ହେଉଛି- ମାର୍କିନ ଡଲାର ତୁଳନାରେ ଭାରତୀୟ ରୁପିଆର ଛନ୍ଦ ପତନ । ଏହା ଲକଡାଉନ ଠାରୁ କମ ବିପଜନକ ନୁହେଁ । ମଧ୍ୟପ୍ରାଚ୍ୟରେ ତୈଳଯୁଦ୍ଧ ଚାଲିଛି, ଇରାନ ଉପରେ ଯୁକ୍ତରାଷ୍ଟ୍ର - ଇସ୍ରାଏଲ ଯୌଥ ଅକ୍ରମଣ କରୁଛନ୍ତି ଓ ଇରାନର ଇସ୍ଲାମିକ ରେଭଲ୍ୟୁଶନାରି ଗାର୍ଡକୋର (ଆଇଆରଜିସି) ଦୃଢତାର ସହ ମୁକାବିଲା କରିଚାଲିଛନ୍ତି । ଯୁଦ୍ଧ ଆରମ୍ଭର ପୂର୍ବଦିନ ମାର୍କିନ ଡଲାରର ମୂଲ୍ୟ ଥିଲା ୯୧.୦୧ ଟଙ୍କା, ୩୦ ମାର୍ଚ୍ଚ ବେଳକୁ ଏହା ୯୪.୭୮ତଙ୍କାରେ ପହଞ୍ଚିଥିଲା । ସାମାନ୍ୟ ହ୍ରାସପାଇ ଏପ୍ରିଲ ୨ରେ ଡଲାରର ମୂଲ୍ୟ ୯୨.୯୨ଟଙ୍କାରେ ପହଞ୍ଚିଛି । ମଝିରେ ଥରେ ଏହା ୯୫ଟଙ୍କାକୁ ଛୁଇଁଥିଲା । ଭାରତୀୟ ଟଙ୍କା ତୁଳନାରେ ମାର୍କିନ ଡଲାର ନିମ୍ନ ମୂଲ୍ୟରେ ରହିବା ମିଥ୍ ହୋଇପାରେ କିନ୍ତୁ ବାସ୍ତବରେ କେବେ ଘଟିନାହିଁ । ଦେଶ ସ୍ୱାଧୀନ ହେବାପର ଠୁ ଯଦି ତର୍ଜମା କରାଯାଏ ତ ଏକ ଡଲାର ଆନୁମାନିକ ୧୯୪୭ରେ ୩ ଟଙ୍କା ୩୦ ପଇସା, ୧୯୪୯ରେ ୪ ଟଙ୍କା ୭୪ ପଇସା, ୧୯୬୬ରେ ୭ ଟଙ୍କା ୫୦ପଇସା, ୧୯୭୫ରେ ୮ଟଙ୍କା ୩୯ ପଇସା , ୧୯୮୦ରେ ୭ ଟଙ୍କା ୮୬ ପଇସା, ୧୯୯୦ରେ ୧୭ ଟଙ୍କା ୧ପଇସା ଏବଂ ୨୦୦୦ ମସିହାରୁ ୨୦୦୭ ମସିହା ମଧ୍ୟରେ ୪୦ ଟଙ୍କାରୁ ୪୮ ଟଙ୍କା ମଧ୍ୟରେ ହ୍ରାସ ବୃଦ୍ଧି ଘଟିଛି ।

ଟଙ୍କାର ଅଧଃପତନ ଦେଶର ସବୁ ପଣ୍ୟ ଉପରେ ପ୍ରଭାବ ପକାଇବ, ଦରବୃଦ୍ଧି ଘଟିବ । ୧୪୦କୋଟି ଭାରତୀୟଙ୍କ ପାକେଟ ଖାଲି କରିବ । ଯଦିଓ ଏହି ପତନର ତାତକ୍ଷଣିକ କାରଣ ଯୁଦ୍ଧ ହେଲେବି ମୁଖ୍ୟ ସମସ୍ୟା ଦୀର୍ଘମିଆଦୀ । ସମସ୍ୟାର ଚେର ଲୁଚି ରହିଛି ଦେଶର ଆର୍ଥିକ ନୀତିରେ । ସେହି କାରଣରୁ ଏହି ସମସ୍ୟାଟିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କେବେ ବି ବଡ କରି ଦର୍ଶାଯାଉନାହିଁ । ଅପାତତଃ ଟଙ୍କାର ମୂଲ୍ୟ ଦ୍ରୁତଗତିରେ ଖସିବା ପଛରେ ରହିଛି ଶେୟାର ବଜାରର ମାନ୍ଦାବସ୍ଥା । ଯୁଦ୍ଧର ପ୍ରଭାବରେ ଭାରତୀୟ ଅର୍ଥନୀତି ପ୍ରଭାବିତ ହୋଇଛି,ଦେଖାଦେଇଛି ଅନିଶ୍ଚିତତା । ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଭାବୁଛନ୍ତି ଯେ, ଇନ୍ଧନ ଗ୍ୟାସ ସଂକଟରେ ପଡି ଭାରତର ଅର୍ଥନୀତି ଭୁଶୁଡି ପଡିବ । ଫଳରେ ଅର୍ଥ ଲଗାଣକାରୀ ପ୍ରତିଷ୍ଠାନଗୁଡିକ ପ୍ରତିଦିନ ଭାରତର ଶେୟାର ବାଜରେ କୋଟି କୋଟି ଟଙ୍କା ବିକ୍ରି କରିଦେଉଛନ୍ତି । କେବଳ ମାର୍ଚ୍ଚ ମାସରେ ହିଁ ସେମାନେ ୧.୧୪ ଲକ୍ଷ କୋଟି ଟଙ୍କାର ଶେୟାର ବିକ୍ରିକରି ଦେଇଛନ୍ତି । ଅତୀତରେ କେବେବି ଗୋଟିଏ ନର୍ଦ୍ଦିଷ୍ଟ ମାସରେ ବିପୁଳ ପରିମାଣର ବିଦେଶୀ ଲଗାଣ ପ୍ରତ୍ୟାହୃତ ହେବାର ଦେଖାଯାଇନି । ଭାରତୀୟ ବଜାରରେ ଶେୟାର ବିକିଦେଇ ବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକ ଭାରତୀୟ ଟଙ୍କାକୁ ମାର୍କିନ ଡଲାରରେ ରୁପାନ୍ତରିତ କରି ନିରାପଦ ବଣ୍ଡ ବା ଇକ୍ୟୁଇଟିରେ ଲଗାଉଛନ୍ତି । ଏହି କାରଣରୁ ଡଲାରର ମୂଲ୍ୟ ଦିନକୁଦିନ ବଢ଼ିବାରେ ଲାଗିଛି । ଭାରତୀୟ ଶେୟାର ଯେତେ ଦ୍ରୁତ ତଳକୁ ଖସୁଛି, ସେତେ ବଢୁଛି ଡଲାରର ଚାହିଦା । ଡଲାରର ଚାହିଦା ବଢ଼ିଯିବା ମାନେ ହିଁ ଟଙ୍କାର ଅଧଃପତନ । ଟଙ୍କାର ମୂଲ୍ୟ ହ୍ରାସ ଘୁରିଫେରି ପୁଣି ଡଲାରର ମୂଲ୍ୟ ବୃଦ୍ଧି କରୁଛି । କାରଣ ଟଙ୍କା ଯେତେ ଶସ୍ତା ହେବ, ସେତେ ଆମଦାନୀ ଖର୍ଚ୍ଚ ବଢିବ । ସେହି ଖର୍ଚ୍ଚ ସମ୍ଭାଳିବାକୁ ବି ଦଳର ଆବଶ୍ୟକ । ଇରାନରେ ଯୁଦ୍ଧ ଆରମ୍ଭ ହେବ ପରେ ପରେ ହର୍ମୁଜ ପ୍ରଣାଳୀ ବନ୍ଦ କିରିଦିଆଯାଏ । ଫଳସ୍ୱରୂପ, ଆନ୍ତର୍ଜାତିକ ବଜାରରେ ଅଶୋଧିତ ଜୀବାଶ୍ମ ତୈଳର ମୂଲ୍ୟ ବୃଦ୍ଧିପାଏ । ଯୁଦ୍ଧ ଆରମ୍ଭ ପୂର୍ବରୁ ଯେଉଁ ଅଶୋଧିତ ତୈଳ ଡର ବ୍ୟାରେଲ ପିଛା ୭୦ ଡଲାରରୁ କମ ଥିଲା, ତାହା ବର୍ତ୍ତମାନ ୧୧୫ ଡଲାରରେ ଆସି ପହଞ୍ଚିଲାଣି । ଅଧିକ ମୂଲ୍ୟ ଦେଇ ଅଶୋଧିତ ତୈଳ କିଣିବା ପାଇଁ ମଧ୍ୟ ଭାରତକୁ ଅଧିକ ଦଳର ଖର୍ଚ୍ଚ କରିବାକୁ ପଡୁଛି । ଟାଙ୍କର ମୂଲ୍ୟ ହ୍ରାସ ଆମଦାନୀର ଖର୍ଚ୍ଚ ବଢ଼ାଇ ଦେଶର ମୁଦ୍ରାସ୍ଫିତି ତିଆରି କରୁଛି । ଏକପଟରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର କ୍ଷିପ୍ର ଗତିରେ ଡଲାର ଆକାରେ ବଢୁଛି, ଅନ୍ୟପଟରେ ଟଙ୍କା ତୁଳନାରେ ଡଲାରର ମୂଲ୍ୟ ବି ବଢ଼ିବାରେ ଲାଗିଛି । ଅଶୋଧିତ ତୈଳ ଆମଦାନୀ ଖର୍ଚ୍ଚ ବଢୁଥିଲେ ମଧ୍ୟ କେନ୍ଦ୍ର ସରକାର ହାତ ବାନ୍ଧି ବସିଛନ୍ତି । ପାଞ୍ଚୋଟି ରାଜ୍ୟର ବିଧାନସଭା ନିର୍ବାଚନ ସାରିବା ମାତ୍ରେ ହିଁ ପେଟ୍ରୋଲ ଓ ଡିଜେଲ ଦର ବଢ଼େଇ ଦେବେ ସରକାର । ସେତେବେଳେ ମୁଦ୍ରାସ୍ଫିତିର ଅସଲ ଚେହେରା ପାଦରେ ପଡିବ । ପେଟ୍ରୋଲ ଓ ଡିଜେଲର ଦାମ ବଢିଲେ ଖାଦ୍ୟ ପଦାର୍ଥ ଠୁ ଆରମ୍ଭ କରି ସବୁ ପଣ୍ୟଦ୍ରବ୍ୟର ଦରଦାମ ବଢ଼ିଯିବ । ପ୍ରୟୋଜନ ଠୁ ୮୦ପ୍ରତିଶତ ଅଧିକ ଅଶୋଧିତ ତୈଳ ଓ ପ୍ରକୃତିକ ଗ୍ୟାସ ଭାରତ ଆମଦାନୀ କରିଥାଏ । ଖାଇବା ତେଲର ଏକ ବଡ ଅଂଶ ବିଦେଶରୁ କିଣିବାକୁ ପଡିଥାଏ । ଇତିମଧ୍ୟରେ ଖାଇବା ତେଲର ଦାମ ମଧ୍ୟ ବଢିଛି । ଅଳ୍ପ କେଇ ଦିନ ଭିତରେ ଏହା ଆକାଶଛୁଆଁ ହୋଇପାରେ । ଆମଦାନୀ-ନିର୍ଭର ସବୁ ଶିଳ୍ପ ଆଜି ତାଙ୍କର ଅଧଃପତନରୁ ଦିଗହରା । ଭୋଗ୍ୟପଣ୍ୟର ବଜାରରେ ଏକ ବଡ ଧରଣର ଝଟକା ଅପେକ୍ଷାରେ ଭାରତ ।

ଟଙ୍କାର ନିମ୍ନଗତିକୁ ସମ୍ଭାଳିବାକୁ ଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଚ୍ଛିତ ଅର୍ଥ ଭଣ୍ଡାରରୁ କୋଟି କୋଟି ଡଲାର ଛାଡୁଛି, ତଥାପି ପରିସ୍ଥିତିର ବିଶେଷ କିଛି ଉନ୍ନତି ହେଉନାହିଁ । କାରଣ ବିଦେଶୀ ପୁଞ୍ଜି ଲଗାଣକାରୀମାନଙ୍କ ମନରେ ଯେଉଁ ଛନକା ପଶିଛି; ଯେଉଁ ଆଶଙ୍କା ସୃଷ୍ଟି ହୋଇଛି,ତା'ର କାଣିଚାଏ ପରିବର୍ତ୍ତନ ହେଉନାହିଁ । ଯୁଦ୍ଧ ବଜାର ହାହାକାର ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଘଟାଇଛି, ଭାରତରୁ ଲଗାଇଥିବା ପୁଞ୍ଜି ପ୍ରତ୍ୟାହୃତ କରିବାକୁ ବାଧ ହେଉଛନ୍ତି ସେମାନେ । ରିଜର୍ଭ ବ୍ୟାଙ୍କ ନିକଟରେ ଏକମାତ୍ର ହତିଆର ହେଉଛି ସୁଧର ହାର ବୃଦ୍ଧି କରିବା । ଯଦି ଭାରତୀୟ ବଜାରରେ ସୁଧର ହାର ମାର୍କିନ ସୁଧର ହାର ଠାରୁ ସାମାନ୍ୟ ବି ବଢିଯାଏ, ବିଦେଶୀ ପୁଞ୍ଜିଲଗାଣକାରୀମାନେ ଭାରତ ମୁହାଁ ହେବେ, ପୁନରାୟ ଭାରତୀୟ ଶେୟାର ବଜାରରେ ପୁଞ୍ଜି ଲଗାଇବେ । ଫଳରେ ଡଲାର ପୁଣି ଭାରତୀୟ ମୁଦ୍ରାକୁ ରୂପାନ୍ତରିତ ହେବ । ଏହା ଫଳରେ ଡଲାରର ଚହିଦା କମିବ, ରୁପିୟା କିଛିଟା ଆଶ୍ୱସ୍ତ ହେବ । କିନ୍ତୁ ରିଜର୍ଭ ବ୍ୟାଙ୍କ ସୁଧ ବଢ଼େଇଲେ ଦେଶର ଛୋଟ ବଡ ସବୁ ପୁଞ୍ଜି ଲଗାଣକାରୀଙ୍କ ଉପରେ ବୋଝ ବଢିବ । ବଡ ଶିଳ୍ପରେ ତ ପୁଞ୍ଜିର ସଙ୍କଟ ହେବ, କ୍ଷୁଦ୍ର- ମଧ୍ୟମ ଧରଣର ଶିଳ୍ପ ମାଡ ଖାଇଯିବେ । ଏଥିରେ ଦେଶର ପୁଞ୍ଜିର ହାର ତ ନିଶ୍ଚିତ ରୂପେ କମିବ । କଳାକାରଖାନାରେ ଶ୍ରମିକ ଛଟେଇ ଆରମ୍ଭ ହୋଇଯିବ । ନୂଆ କର୍ମ ସଂସ୍ଥାନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ; ଅର୍ଥାତ, ସବୁମିଶି ଏକ ଗଭୀର କ୍ଷତ ସୃଷ୍ଟି କରିବ । ଇରାନ ତୈଳ ଯୁଦ୍ଧ ଯଦିଓ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇଁ ଦାୟୀ, କିନ୍ତୁ ଏହି ଦ୍ୱାହି ଦେଇ ଖସିଗଲେ ଚଳିବନି । ଏହି ଅଧଃପତନ ମୂଳରେ ରହିଛି ଆମ ଦେଶର ଦୁର୍ବଳ ଅର୍ଥନୀତି । ଭାରତୀୟ ଶେୟାର ବଜାର ବିଦେଶୀ ପୁଞ୍ଜି ଲଗାଣକାରୀ ସଂସ୍ଥା ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ । ଏହି ପରମୁଖାପେକ୍ଷିତା ହିଁ ଟଙ୍କାର ନିମ୍ନଗାମୀ ହେବାର ମୁଖ୍ୟ କାରଣ । ଦେଶର ବର୍ତ୍ତମାନ ସମୟରେ ନବ୍ୟ - ଉଦାରବାଦ ନୀତି ବଳରେ ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଯେତେବେଳେ ଇଚ୍ଛା କରିବେ ଶେୟାର ବଜାରରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହୃତ କରି ନେଇପାରିବେ । ଏହା ଭାରତୀୟ ଅର୍ଥନୀତି ପାଇଁ ଅସ୍ଥିରତା ସୃଷ୍ଟି କରିବ । ବର୍ତ୍ତମାନ ସମୟରେ ଏହି ସଙ୍କଟ ଆମ ଦେଶରେ ସୃଷ୍ଟି ହୋଇଛି । ଅଦୂରଦର୍ଶୀ ସରକାର ଆର୍ଥିକ ସଂସ୍କାର ଆଣିବା ଫଳରେ ଶେୟାର ବଜାରରେ ମନମାନୀ କାରବାର କାୟାବିସ୍ତାର କରିଚାଲିଛି । ଏହି ନୀତିକୁ ଫିନାନ୍ସ ପୁଞ୍ଜି କୁହାଯାଏ । ବିଦେଶୀ ପୁଞ୍ଜି ଲଗାଣ ଯଦି କଳକାରଖାନା ଓ ଇନଫ୍ରାଷ୍ଟ୍ରକଚର ନିର୍ମାଣରେ ବିନିଯୋଗ ହେଉଥାନ୍ତା, ତା' ହେଲେ ଏହି ଭାବେ ଯେ କୌଣସି ମୁହୂର୍ତ୍ତରେ ପୁଞ୍ଜି ପ୍ରତ୍ୟାହୃତ କରି ପାରନ୍ତେ ନାହିଁ । ବିଦେଶୀ ପୁଞ୍ଜି ଲଗାଣକାରୀମାନଙ୍କୁ ଆକର୍ଷିତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ନାମକୁ ମାତ୍ର ସୁଧରେ ବିପୁଳ ପରିମାଣର ଡଲାର ମାର୍କିନ ବଣ୍ଡରେ ବନ୍ଧକ ରଖେ । ଯାହାଫଳରେ ଲଗାଣକାରୀମାନେ ହଟାତ ଶେୟାର ବିକିବା ଆରମ୍ଭ କରିଲେ ସେମାନଙ୍କୁ ଡଲାର ଫେରାଇ ଦିଆଯାଏ । ବନ୍ଧକ ରଖିଥିବା ଡଲାରରୁ ରିଜର୍ଭ ବ୍ୟାଙ୍କ କମ ସୁଧ ପାଇଥାଏ, କିନ୍ତୁ ଲଗାଣକାରୀମାନେ ଭାରତୀୟ ବଜାରରୁ ଚଡା ମୁନାଫା ବା ସୁଧ ଉଠାଇ ନେଇଥାନ୍ତି । ଏଇଟା ହିଁ ଭାରତର ସବୁଠାରୁ ବଡ ଆର୍ଥିକ କ୍ଷତି । ଆର୍ଥିକ ସଂସ୍କାର ନୀତି ଆପଣେଇବା ପରଠୁ ଭାରତ ଏହିଭାବେ ମାର୍କିନ ଫିନାନ୍ସ ପୁଞ୍ଜିର ଦାସତ୍ୱ ସ୍ୱୀକାର କରିନେଇଛି । ଭାରତ ଯଦି ରପ୍ତାନି ବଢ଼େଇ ଅଧିକ ଡଲାର ଆୟ କରିପାରନ୍ତା ତା' ହେଲେ ଟଙ୍କାର ଆଜି ଏହି ଦୁରବସ୍ଥା ଦେଖିବାକୁ ମିଳିନଥାନ୍ତା । ହୁଏ ତ ଟଙ୍କାର ଅଧଃପତନ ଘଟିନଥାନ୍ତା ।

୨୦୧୩ ମସିହାରେ ଏକ ଡଲାରର ମୂଲ୍ୟ ୯୨ ଟଙ୍କା ହୋଇଯିବାରୁ ଏବେକାର କେନ୍ଦ୍ର ଅର୍ଥମନ୍ତ୍ରୀ ଓ ତତ୍କାଳୀନ ସାଂସଦ ନିର୍ମଳା ସୀତାରମଣ ଗଭୀର ଉଦବେଗ ପ୍ରକାଶ କରିଥିଲେ । ଆଜିର ଏ ଜଟିଳ ପରିସ୍ଥିତିରେ ଆଖିରେ ଅନ୍ଧ ପୁଟୁଳି ବାନ୍ଧି କେନ୍ଦ୍ର ଅର୍ଥମନ୍ତ୍ରୀ ଟଙ୍କା ଠିକ୍ ବାଟରେ ଚାଲିଛି ନକହି ଆର୍ଥିକ ନୀତିରେ ପରିବର୍ତ୍ତନ ଆଣିବା ଉଚିତ । ଟଙ୍କାର ଏହି ଦୀର୍ଘ ମିଆଦୀ ନିମ୍ନଗାମୀକୁ ରୋକିବା ଦିଗରେ ସରକାର ଉଦାସୀନ ଅଛନ୍ତି । କାହାସ୍ୱାର୍ଥରେ ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ନୀରବତା ଅବଲମ୍ବନ କରି ଚାଲିଛନ୍ତି । ଏବେଠୁ ସତର୍କ ନହେଲେ ଭବିଷ୍ୟତରେ ଦେଶରେ ଲକଡାଉନ ଠାରୁ ବି ଭୟଙ୍କର ପରିସ୍ଥିତି ଉପୁଜିପାରେ ।

-ଡକ୍ଟର ନୀଳମଣି ସୂତାର
ଖାନନଗର, କଟକ
ଦୂରଭାଷ: ୮୫୯୯୮୯୪୯୧୫




# ବାପର ଟାଙ୍ଗିଆ ଚୋଟରେ ପୁଅ ମୃତ

**କଣିହାଁ (ଏନ୍.ଏମ୍.) :** ପାରିବାରିକ କଳହରୁ ହତ୍ୟା । ସେ ପୁଣି ନିଜ ଜନ୍ମ କଲା ପୁଅକୁ ହତ୍ୟା କରିଛନ୍ତି ବାପା ଓ ମାଆ । ଏମିତି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଅନୁଗୁଳ ଜିଲ୍ଲା ରେଙ୍ଗାଳି ଥାନା ଅନ୍ତର୍ଗତ ଅର୍କିଳ ଗାଁ ରୁ । ଯାହାକି ଯୋଜନା ବଦ୍ଧ ଭାବରେ ହତ୍ୟା କରିଥିବାର ଅଭିଯୋଗ ଆଣିଛନ୍ତି ମୃତକ ସଞ୍ଜୀବ ବେହେରାଙ୍କ ଦ୍ୱିତୀୟ ପତ୍ନୀ । ଅଭିଯୋଗ ମୁତାବକ ମୃତକ ପ୍ରଥମେ ବୈଦିକ ରୀତିରେ ବିବାହ କରିଥିଲେ ଓ ଆଜକୁ ୨ ବର୍ଷ ପୂର୍ବରୁ ପୁନର୍ବାର ରାଧାରାଣୀ ବେହେରା ନାମକ ମହିଳାଙ୍କୁ ପୁନର୍ବାର ପ୍ରେମ ବିବାହ କରିଥିଲେ । ରାଧାରାଣୀ ଅନ୍ୟ ଜାତିର ହୋଇଥିବାରୁ ବାପା, ମା ଓ ପ୍ରଥମ ସ୍ତ୍ରୀଙ୍କ ସହିତ ସଞ୍ଜୀବଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା । ଯାହାକୁ ନେଇ ପ୍ରାୟ ସବୁ ସମୟରେ ଝଗଡା ଲାଗି ରହୁଥିଲା । ଏଣୁ ସଞ୍ଜୀବ ଦ୍ୱିତୀୟ ସ୍ତ୍ରୀଙ୍କ ସହିତ ଅନ୍ୟତ୍ର ରହୁଥିଲେ । କିନ୍ତୁ ହଠାତ୍ ଶୁକ୍ରବାର ଦିନ ସମୟରେ ସଞ୍ଜୀବ ଏକ ଟାଙ୍ଗିଆ ଧରି ବାପା ଓ ମାଆଙ୍କ ପାଖକୁ ଯାଇ ମାଙ୍କୁ ଏକ ଟାଙ୍ଗିଆ ରେ ଆକ୍ରମଣ କରିଥିଲେ । ଯେଉଁଥିରେ ସେ ତାଙ୍କ ମାଆଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସେହି ସମୟରେ ତାଙ୍କ ବାପା ସଞ୍ଜୀବକୁ ଆକଟ ଓ ବାରଣ କରିଥିଲେ । ଫଳରେ ବାପ ଓ ପୁଅ ମଧ୍ୟ ରେ ଏକ ପ୍ରକାର ଖଣ୍ଡ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ବାପା ତାଙ୍କୁ ଏକ ଧକା ଦେବା ପରେ ସେ ଏକ ସିମେଣ୍ଟ ସ୍ଲାବରେ ମୁଣ୍ଡ ବାଡ଼େଇ ଖସି



ପଡ଼ିଥିଲେ । ସେହି ମଉକାରେ ବାପା ସଞ୍ଜୀବକୁ ଟାଙ୍ଗିଆରେ ହାଣିବା ସହିତ ମୁଣ୍ଡ ପଛ ପାଖରେ ଏକ ଶକ୍ତ ପ୍ରହାର କରିଥିଲେ । ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା । ସେତିକି ରିହି ଘଟଣାର ଅନ୍ତ ହୋଇନଥିଲା । ବାପା ମୁରଲୀ ଧର ବେହେରା ଓ ମାଆ କାଞ୍ଚନ ବେହେରା ଭୟଭୀତ ହୋଇ ମଧ୍ୟ ରାତ୍ରୀରେ ପୁଅର ମୃତ ଦେହକୁ ଏକ ପ୍ଲାଷ୍ଟିକ ବସ୍ତାରେ ପୁରାଇ ସାଇକେଲ ମାଧ୍ୟମରେ ଘର ଠାରୁ ୨ କିମି ଦୂରରେ ଥିବା ଏକ ଜଙ୍ଗଲରେ ଗାତ ଖୋଳି ପୋତି ଦେଇଥିଲେ । ତେବେ ଘଟଣା ଘଟିବା ଦିନ ଠାରୁ ପ୍ରାୟ ୬ ଦିନ ପରେ ମଧ୍ୟ ଏହି ହତ୍ୟାକାଣ୍ଡର କେହି ଟେର୍ ପାଇନଥିଲେ । ଆଜି ଦ୍ୱିତୀୟ ପତ୍ନୀଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ବାପା ଓ ମାଆଙ୍କ ପାଖରେ ରେଙ୍ଗାଳି ପୋଲିସ ପହଞ୍ଚିଥିଲା ଓ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ପୋଲିସ, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହିତ ମାଟି ତଳେ ପୋତା ଯାଇଥିବା ମୃତ ଦେହକୁ ଅଭିଯୁକ୍ତ ବାପା ଚିହ୍ନଟ କରିଥିଲେ । ଅତିରିକ୍ତ ତହସିଲଦାର ପୁଷ୍ପିତା ମଧୁମତୀ, ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, ଆଇଆଇସି ଚଞ୍ଚଳା ନାୟକ ଓ ସାଇଣ୍ଟିଫିକ୍ ଟିମ ମାଟି ତଳୁ ମୃତ ଦେହକୁ ଉଦ୍ଧାର କରି ଅଧିକ ତଦନ୍ତ ଚଳାଇବା ସହିତ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ପୋଲିସ ଦୁଇ ଅଭିଯୁକ୍ତ ବାପା ମା କୁ ଥାନାକୁ ଆଣି ତଦନ୍ତ ଚଳାଇଛି ।

## ଛଅ ଦିନପରେ ମୃତ ଦେହ ଠାବ

# ଆସିକାରେ ଜନ ଆକ୍ରୋଶ ମହିଳା ସମାବେଶ

**ଆସିକା(ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ପୁତ୍ର ସମ୍ପିତ ପାଢ଼ୀ, ବିଜୟ ସ୍ୱାଇଁ, ଶିବ ନାହାକ, ଅନିଲ ପରିଡା, ଅନିଲ ସ୍ୱାଇଁ, ନଗର ମଣ୍ଡଳ ସଭାପତି ଭିକି ପାତ୍ର, ମଳୟ ସ୍ୱାଇଁ, ଭେଙ୍କଟ ରମଣ ପାତ୍ର, ତେଜବାଇ ରାଓ, ମୀରାବାଇ ଦେଓ, ଆସ୍କା ପ୍ରଭାରୀ ପିତାମ୍ବର ସେଠୀ, ଦୀପ୍ତିମୟୀ ପଟ୍ଟନାୟକ, ଶ୍ରାବଣୀ ଆଚାରୀ, ମମତା




ମୁନିପ୍ରମୁଖ ଉପସ୍ଥିତ ଥିଲେ । ଆସିକା ବିଜେପି କାର୍ଯ୍ୟାଳୟ ଠାରୁ ଏକ ରାଲିରେ ବାହାରି ବସଷ୍ଟାଣ୍ଡ ଠାରେ ରାହୁଲ ଗାନ୍ଧୀ ଓ ନବୀନ ପଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଦେଶର ପ୍ରଗତି ପାଇଁ ସଶକ୍ତ ନାରୀ ଆବଶ୍ୟକ ହୋଇଥିବା ବେଳେ ଦେଶର ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକ ମାରିଲେ ଛୁରୀ ବୋଲି ସ୍ଲୋଗାନ ଦେଇଥିଲେ ।

# ହେତୁବାଦୀ ରାଜା ସୁରେଶଙ୍କ ୫ମ ମୃତ୍ୟୁବାର୍ଷିକୀ

**ବ୍ରହ୍ମପୁର(ଏମନ୍.ଏମ୍.) :** ମାନବବାଦୀ ହେତୁବାଦୀ ସଂଗଠନ, ଗଂଜାମ ଜିଲ୍ଲା ଶାଖା ପକ୍ଷରୁ ମହାନ ହେତୁବାଦୀ ରାଜା ସୁରେଶଙ୍କ ୫ମ ମୃତ୍ୟୁବର୍ଷିକୀ ପାଳନ ଅବସରରେ ଏକ ସଭା ଶକ୍ତିନଗରସ୍ଥିତ ସହୀଦ ଭଗତ ସିଂ ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ସର୍ବ ପ୍ରଥମେ ରାଜା ସୁରେଶଙ୍କୁ ଉପସ୍ଥିତ ସମସ୍ତ ସଭ୍ୟ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ । ସଂଗଠନର ସମ୍ପାଦକ କେ.ନନ୍ଦେଶ୍ବୁ ସେନାପତି ରାଜା ସୁରେଶଙ୍କ ଦେହାନ୍ତ କୋଭିଡ ଯୋଗୁ ହୋଇଥଲ । ସେ ଜଣେ ନୈଷ୍ଠିକ ହେତୁବାଦୀ ଓ ମାନବବାଦୀ ଥିଲେ । ମାନବବାଦ ଓ ହେତୁବାଦର ଅଭିବୃଦ୍ଧି କରି ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ତାଙ୍କର ଅବଦାନ ଅତୁଳନୀୟ । ସଂଗଠନର ସଭ୍ୟ ଭାଲଚନ୍ଦ୍ର ଷଡଙ୍ଗୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ହାକିମ ଖାଁ, ଡି.ମୋହନ ରାଓ, ମହର୍ଷି ସିଂ, କେ. ବାସବା ରାଜୁ ବକ୍ତବ୍ୟ ରଖି ରାଜା ସୁରେଶଙ୍କ ସ୍ମୃତିଚାରଣ କରିଥିଲେ । ସଭାପତି କିଶୋର ଚନ୍ଦ୍ର ମିଶ୍ର ହେତୁବାଦ ଓ ମାନବବାଦ ଏକ ବିଜ୍ଞାନ ସମ୍ମତ ଅଟେ । ପ୍ରତାପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ଇଚିଣ୍ଡାଠାରେ ଦ୍ୱିତୀୟ ବାର୍ଷିକ ଷୋହଳ ପହର ହରିନାମ ସଂକୀର୍ତ୍ତନ



**ରାଇରଙ୍ଗପୁର (ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧିନସ୍ଥ ଇଚିଣ୍ଡା ଠାରେ ୨୦୨୫ ରେ ଆରମ୍ଭ ହୋଇଥିବା ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ ସମାଜସେବୀ ଚିତ୍ତରଂଜନ ପଟ୍ଟନାୟକ, ସହଧର୍ମିଣୀ ସାନ୍ତନା ପଟ୍ଟନାୟକ ଏବଂ ବଡଭାଇ ଯୋଗେନ୍ଦ୍ର ବେହୁରାଙ୍କ ପରିଚାଳନାରେ ଏବର୍ଷ ଦ୍ୱିତୀୟ ବର୍ଷୀୟ ହରିନାମ ସଂକୀର୍ତ୍ତନ ମହାସମାରୋହରେ ଅନୁଷ୍ଠିତ ହେଉଅଛି । ଗତ ୧୧ ତାରିଖ ଅଙ୍କୁରାରୋପଣ, ୧୨ ତାରିଖ ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇ ୧୪ ତାରିଖ ରେ ପୂର୍ଣ୍ଣାହୁତିର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ଗତବର୍ଷ ୨୦୨୫ ରେ ସମାଜସେବୀ ଶ୍ରୀ ପଟ୍ଟନାୟକ ନିଜର ମାନସିକ ପୂର୍ତ୍ତି ନିମିତ୍ତ ହରିନାମ ସଂକୀର୍ତ୍ତନ ଶୁଭାରମ୍ଭ କରିଥିଲେ । ରାଇରଙ୍ଗପୁର ସହରବାସୀ ତଥା ସ୍ଥାନୀୟ ଲୋକମାନଙ୍କର ମନୋକାମନା ପୂରଣ ହେବା ସହିତ ସମସ୍ତଙ୍କ ଭିତରେ ଭାଇଚାରା ଓ ସମସ୍ତଙ୍କ ଭିତରେ ଧାର୍ମିକ ଭାବନା ଜାଗ୍ରତ ହେଉ ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟ ପୂଜକ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସହଯୋଗୀ ଗୌରାଙ୍ଗ ଦାସ ଏବଂ କର୍ତ୍ତାକର୍ତ୍ତୀ ଶ୍ରୀ ରାଧାକୃଷ୍ଣଙ୍କ ସମୀପରେ ବସି ପୂଜାର୍ଚ୍ଚନା କରିଥିଲାବେଳେ ଶ୍ରଦ୍ଧାଳୁଗଣ ଆସି ଭକ୍ତି ନୈବେଦ୍ୟ ସମର୍ପି ପ୍ରଭୁ ନିକଟରେ ଶୁଭାଶିଷ କାମନା କରିଥିଲେ । ଏଥିରେ ୬ଟି ନାମୀ ସଂକୀର୍ତ୍ତନ ଦଳ ଚାଡିଲ, ଚାକୁଳିଆ, ଗିଧିନି ତଥା ବିଶୋଇର ନୂଆଡିହିରୁ ଆସି ହରିନାମ ସଂକୀର୍ତ୍ତନ କରୁଅଛନ୍ତି । ଏଠାରେ ଏକ ଭକ୍ତିମୟ ପରିବେଶ ଦେଖାଯାଇଛି । ଉକ୍ତ ଧାର୍ମିକ କାର୍ଯ୍ୟରେ ବିଶ୍ୱଭୂଷଣ ପଟ୍ଟନାୟକ, ରିତିକ ପଟ୍ଟନାୟକ, ହିତିକ ପଟ୍ଟନାୟକ, ଡିମପଲ ପଟ୍ଟନାୟକ, ଲିକୁ ପଟ୍ଟନାୟକ, ଲିପୁ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ସାନ୍ତନା ପଟ୍ଟନାୟକ, ସୁରଥ ପଟ୍ଟନାୟକ, ସୋମ ପଟ୍ଟନାୟକ, ରୂପାଲି ପଟ୍ଟନାୟକ, ଲିପି ପଟ୍ଟନାୟକ, ତାରିଣୀ ପଟ୍ଟନାୟକ, ନିକିତା ପଟ୍ଟନାୟକ, ଲିଜା ପଟ୍ଟନାୟକ, ଟିଜା ପଟ୍ଟନାୟକ, ସାଇସା ପଟ୍ଟନାୟକ, ମୟୂରୀ ପଟ୍ଟନାୟକ, ସବିତା ପଟ୍ଟନାୟକ, ସୁଚିତ୍ରା ପଟ୍ଟନାୟକ ତଥା ସ୍ଥାନୀୟ ଲୋକେ ସହଯୋଗ କରୁଅଛନ୍ତି ।

# ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ୭୦ତମ ଜନ୍ମତିଥି

**ରାଉରକେଲା(ଏନ୍.ଏମ୍.) :** ରାଉରକେଲା ଆର୍ଟ ଅଫ୍ ଲିଭିଂ ପରିବାର ଆନୁକୂଲ୍ୟରେ ବିଶ୍ୱ ବରେଣ୍ୟ ସନ୍ଥ ପରମ ପୂଜ୍ୟ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ୭୦ ତମ ଜନ୍ମ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଜନ୍ମ ମହୋତ୍ସବ ଉପଲକ୍ଷେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ସହର ବ୍ୟାପୀ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷରେ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟା ମନ୍ଦିର ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ (ସେକ୍ଟର ୨୦), ଶ୍ରୀ ଶ୍ରୀ ସ୍ପେସ୍ (ଉଦିତ୍ ନଗର), ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟା ମନ୍ଦିର (ସେକ୍ଟର ୨୨) ତଥା ଛେଣ୍ଡ ଆର୍ଟ ଅଫ୍ ଲିଭିଂ କେନ୍ଦ୍ର ଠାରେ ସୁଦର୍ଶନ କ୍ରିୟା ସାଧନା କାର୍ଯ୍ୟକ୍ରମରେ ଶହ ଶହ ସାଧକ ଅଂଶଗ୍ରହଣ କରିଥିଲେ । ଦିନ ବେଳା ସ୍ଥାନୀୟ ସିଭିକ୍ ସେଣ୍ଟର୍, ଜର୍ମାନ୍ କ୍ଲବ୍, ଶ୍ରୀ ଶ୍ରୀ ସ୍ପେସ୍, ଜଗଦା ସ୍ଥିତ ବାଟ ମଙ୍ଗଳା ମନ୍ଦିର, ତଥା ଫର୍ଟିଲାଇଜର ଶ୍ରୀ ଶ୍ରୀ ରବି ଶଙ୍କର ବିଦ୍ୟା ମନ୍ଦିର ନିକଟରେ ସର୍ବତ ବିତରଣ କରାଯାଇଥିଲା । ଅପରାହ୍ନରେ ଛେଣ୍ଡର ପ୍ଲୁଟୋନ ମଲ୍ ନିକଟରେ ପ୍ରସ୍ତାବିତ ଧ୍ୟାନ ମନ୍ଦିର ପରିସରରେ ଗୁରୁ ପୂଜା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ




ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ ସନ୍ଧ୍ୟାରେ ଆର୍ଟ ଅଫ୍ ଲିଭିଂ ପରିବାର ତଥା ଶ୍ରୀ ଶ୍ରୀ ରବିଶଙ୍କର ଇସ୍ପାତ ବିଦ୍ୟା ମନ୍ଦିର ସମୂହର ଛାତ୍ରଛାତ୍ରୀ ତଥା ଅଭିଭାବକ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସାନ୍ଧ୍ୟ ସାଂସ୍କୃତିକ ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଏବଂ ଦୀପିକା ମହିଳା ସଂହତି ର ଅଧକ୍ଷା ନମ୍ରତା ବର୍ମା ଓ ଉପାଧକ୍ଷା ରୀତାରାଣୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଗଣଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନରେ ଉତ୍ସବ ଉଦଘାଟିତ ହୋଇଥିଲା । ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟା ମନ୍ଦିର ସେକ୍ଟର ୧, ସେକ୍ଟର ୧୯ ଓ ସେକ୍ଟର ୨୦ର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃନ୍ଦନୃତ୍ୟ ପରିବେଷଣ ବେଶ୍ ଉଚ୍ଚକୋଟୀର ହୋଇଥିଲା । ମୁଖ୍ୟଅତିଥି ଶ୍ରୀ ତନ୍ତୀ ତାଙ୍କ ଅଭିଭାଷଣରେ କହିଥିଲେ ବିଶ୍ୱ ଶାନ୍ତି ଏବଂ ଆଧାତ୍ମିକତା କ୍ଷେତ୍ରରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସମଗ୍ର ବିଶ୍ୱର ୧୮୦ରୁ ଉର୍ଦ୍ଧ୍ୱ ଦେଶର ଅଗଣିତ ନରନାରୀଙ୍କ ଜୀବନରେ ଯେଉଁ ବିପୁଳ ରୂପାନ୍ତରଣ ଆଣିଛନ୍ତି ତାର ତୁଳନା ନାହିଁ । ଶ୍ରୀ ଶ୍ରୀ ରବି ଶଙ୍କର ବିଦ୍ୟା ମନ୍ଦିରରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ସି ବି ଏସ ଇ ଏବଂ ଆଇ ସି ଏସ୍ ଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ସର୍ବଶ୍ରେଷ୍ଠ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ ଏବଂ ପୁରସ୍କୃତ କରିଥିଲେ । ଆର୍ଟ ଅଫ୍ ଲିଭିଂ ସାଧକ ଓ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଜନ୍ମୋତ୍ସବ ସଂଧ୍ୟାର ଏହି ନୃତ୍ୟ, ସଂଗୀତ, ସାମୁହିକ ଧ୍ୟାନର ଏକ ଅପୂର୍ବ ସମନ୍ୱୟକୁ ଶ୍ରୋତା ମଣ୍ଡଳୀ ମନ୍ତ୍ର ମୁଗ୍ଧ ହୋଇ ଉପଭୋଗ କରିଥିଲେ । ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ସହିତ ୧୮୦ ଟି ଦେଶରୁ ଅନଲାଇନ ଯୋଗେ ସଂଯୁକ୍ତ ଏକ ପ୍ରତ୍ୟକ୍ଷ ଧ୍ୟାନ ପ୍ରକ୍ରିୟାରେ ଦର୍ଶକ ମାନେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ରବିଶଙ୍କର ଇସ୍ପାତ ବିଦ୍ୟାମନ୍ଦିର ସମୂହର ନିର୍ଦ୍ଦେଶକ ଡକ୍ଟର ଗିରିଜା ଶଙ୍କର ଦାସ, ସେକ୍ଟର ୨୦ ଶ୍ରୀ ଶ୍ରୀ ରବି ଶଙ୍କର ଇସ୍ପାତ ବିଦ୍ୟା ମନ୍ଦିରର ଅଧକ୍ଷା ଡକ୍ଟର ଖୁସବୁ ଜ୍ୟୋତି ପରିଚାଳନା କରିଥିଲେ । ଆର୍ଟ ଅଫ୍ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ତଥା ଚାଟାର୍ଡ ଏକାଉଣ୍ଟାଣ୍ଟ ଭଗବାନ ଦାସ ତାଙ୍କ ଅଭିଭାଷଣରେ ପରମ ପୂଜ୍ୟ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ସହିତ କୋଟି କୋଟି ସାଧକଙ୍କ ଗଭୀର ରୂପାନ୍ତରଣର ଅନୁଭୂତିକୁ ବର୍ଣ୍ଣନା କରି ଥିଲେ । ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଆଖି ବନ୍ଦ ରଖି ଧ୍ୟାନ ମଗ୍ନ ଅବସ୍ଥାରେ ତୃତୀୟ ନେତ୍ର ଦ୍ୱାରା ବାହାରର ଦୃଶ୍ୟକୁ ଦେଖି ପରିବାର ଅଦ୍ଭୁତ ପ୍ରକ୍ରିୟା ଇନ୍ ଟିଉସନ ପ୍ରକ୍ରିୟା (ସମ୍ବୋଧି ପ୍ରକ୍ରିୟା)ର ଏକ ପ୍ରାମାଣିକ ପ୍ରଦର୍ଶନକୁ ଶ୍ରୋତା ଏବଂ ଅତିଥିମାନେ ବିସ୍ମୟ ବିମୁଗ୍ଧ ହୋଇ ଉପଭୋଗ କରୁଥିବା ଦେଖା ଯାଇଥିଲା । ୨୦ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ଡକ୍ଟର ପ୍ରତିମା ସାହୁ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୁଚିନ୍ଦ୍ରମ ସେନଗୁପ୍ତ, ଅବିନାଶ କୁଲକର୍ଣ୍ଣୀ ତଥା ଏସଏସଆରଭିଏମ୍ ପରିଚାଳିତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ଗଜପତି ଜିଲ୍ଲାରେ କୃତୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ

**ପାରଳାଖେମୁଣ୍ଡି(ଏନ୍.ଏମ୍.) :** ଗଜପତି ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ ତରଫରୁ ୨୦୨୬ ଦଶମ ଶ୍ରେଣୀ ପରୀକ୍ଷାରେ ଏ୧ ଗ୍ରେଡ୍ (୬ଜଣ)ପ୍ରାପ୍ତ କୃତୀ ଛାତ୍ରଛାତ୍ରୀ ଓ ଜିଲ୍ଲାର ୭ଟି ବ୍ଲକର ଶୀର୍ଷ ୩ଜଣ ସଫଳତା ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଜିଲ୍ଲାପରିଷଦ ସ୍ଥିତ ଆର୍ ସେ ଟି ଭବନରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗଜପତି ଜିଲ୍ଲା ପୁନର୍ବାର ସମଗ୍ର ଓଡ଼ିଶାରେ ସର୍ବାଧିକ ପାସ୍ ପ୍ରତିଶତ ୯୯.୩ % ହାସଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ସମଗ୍ର ଜିଲ୍ଲାରେ ଗର୍ବ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ ପାରଳାଖେମୁଣ୍ଡି ମହାରାଜା ଗାର୍ଲସ୍ ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ଉଦ୍‌ଘାଟନୀ ସଙ୍ଗୀତ ମାଧ୍ୟମରେ ହୋଇଥିଲା । ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ପ୍ରଶଂସାପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସମାରୋହରେ ଯୋଗଦେଇଥିବା ଅତିଥିମାନେ ନିଜ ଉଦ୍‌ବୋଧନରେ କହିଥିଲେ



ଯେ, "ଗଜପତି ଆଜି କେବଳ ଏକ ଏସ୍ପିରେସନାଲ ଜିଲ୍ଲା ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଇନପିରେସନାଲ ଜିଲ୍ଲା ଭାବେ ପରିଚିତ ହୋଇଛି ।" ଜିଲ୍ଲାର ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପ୍ରୟାସ ଏହି ଅଭୂତପୂର୍ବ ସଫଳତାର ମୂଳ କାରଣ ବୋଲି ସେମାନେ ମତପ୍ରକାଶ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ଼କ୍ଟର ମାୟାଧର ସାହୁଙ୍କ ମାର୍ଗଦର୍ଶନରେ ପ୍ରୟାସ 'ସୁପର ୩୦' ଦ୍ୱାରା ସଫଳତା ହାସଲ ହେଇଥିବାର ସମସ୍ତ ଅତିଥି ଭୂରି ଭୂରି ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ସାଂସଦ ବ୍ରହ୍ମପୁର ପ୍ରଦୀପ କୁମାର ପାଣିଗ୍ରାହୀ ତାଙ୍କ ଭାଷଣରେ କହିଥିଲେ ଯେ, "ଗଜପତିର ଛାତ୍ରଛାତ୍ରୀମାନେ ଆଜି ପ୍ରମାଣ କରିଛନ୍ତି ଯେ ପରିଶ୍ରମ, ଶୃଙ୍ଖଳା ଓ ସଂକଳ୍ପ ଥିଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ ।" ସେ ଆହୁରି କହିଥିଲେ ଯେ, ଗ୍ରାମାଞ୍ଚଳର ପ୍ରତିଭାମାନେ ଆଜି ରାଜ୍ୟସ୍ତରରେ ଗଜପତିକୁ ଗୌରବାନ୍ୱିତ କରିଛନ୍ତି । ଅନ୍ୟତମ ଅତିଥି ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଓ ମୋହନ ବିଧାୟକ ଦାଶରଥି ଗମାଙ୍ଗ ନିଜ ଅଭିଭାଷଣରେ କହିଥିଲେ, "ଏହି ସମ୍ବର୍ଦ୍ଧନା କେବଳ ଛାତ୍ରଛାତ୍ରୀଙ୍କ ସଫଳତାର ଉତ୍ସବ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ମଞ୍ଚ ।" ସେମାନେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଉଚ୍ଚ ଲକ୍ଷ୍ୟ ନିର୍ଦ୍ଧାରଣ କରି ଜାତି ଗଠନରେ ସହଭାଗୀ ହେବାକୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସଭାପତି ଭାବେ ଦାୟିତ୍ୱ ତୁଲାଇବା ସହ ଏହି ରେଜଲ୍ଟ କୁ ନେଇ ଗର୍ବ ପ୍ରକାଶ କରିବା ସହ ଶିକ୍ଷା ବିଭାଗରକୁ ଧନ୍ୟବାଦ ଦେବା ସହ ଉତ୍ସାହିତ କରିଥିଲେ ଭବିଷ୍ୟତ ରେ ଆହୁରି ସୁନାମ ଅର୍ଜନ କରିବା ପାଇଁ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଶିକ୍ଷକ- ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ . ଗିରିଧର ଧନ୍ୟବାଦ ଅର୍ପଣ କରିବା ସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାରଙ୍କ କର୍ତ୍ତବ୍ୟ ନିଷ୍ଠା ଓ ପରିଶ୍ରମ ବିଷୟରେ ଆଲୋକ ପାତ କରି ସଭା କାର୍ଯ୍ୟ ସମାପ୍ତ କରିଥିଲେ । ସୁଲତା ଶୁଭଦର୍ଶିନୀ ଓ ରମାକାନ୍ତ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହେବା । ସହ ଏକ ସୁନ୍ଦର ପରିବେଶ ମଧ୍ୟରେ ସମାପ୍ତ କରିଥିଲେ ।

# ବିଶ୍ୱଶାନ୍ତି ବାସୁଦେବ ପଞ୍ଚ ମହାଯଜ୍ଞ ଉଦ୍‌ଯାପିତ

**ଆସିକା(ଏନ୍.ଏମ୍.) :** ଜୀବନକୁ ସରସ ସୁନ୍ଦର କରିବା ପାଇଁ ଷଡ଼ରିପୁକୁ ଦୂର କରିବା ଆବଶ୍ୟକ । ଏଥିପାଇଁ ନାମଯଜ୍ଞର ଆବଶ୍ୟକତା ରହିଛି । ଭଗବତ ସତ୍ତା ପାଇବା ପାଇଁ ଆଧାତ୍ମବାଦ ଉପରେ ଭରଷା କରିବା ଦରକାର । ତେଣୁ ଯଜ୍ଞକଲେ ସମସ୍ତ ସମସ୍ୟାର ସମାଧାନ ହୋଇଥାଏ । ହୁମୁକି ଗ୍ରାମରେ ଆୟୋଜିତ ହୋଇଥିବା ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ବାସୁଦେବ ପଞ୍ଚ ମହାଯଜ୍ଞ ତଥା ଅଠଚାଳିଶି ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ, ଗୋ ଯଜ୍ଞ ଓ ଅର୍ଣ୍ଣ ଯଜ୍ଞ ଠାକୁରଙ୍କ କୃପା ରୁ ସଫଳତା ର ସହ ଉଦଯାପିତ ହୋଇଯାଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମ ରେ କର୍ମ କାଣ୍ଡ ବିଶାରଦ ମୁଖ୍ୟ ପ୍ରଚାରକ ପ୍ରମୋଦ କୁମାର ତ୍ରିପାଠୀ, ବ୍ରହ୍ମା ସତ୍ୟବାଦୀ ଶତପଥୀ ସମେତ ପଣ୍ଡିତ ଡ଼ଃ ସୁଧାଂଶୁ ଶେଖର କର, ପଣ୍ଡିତ ଦୁର୍ଗା ପ୍ରସାଦ ଦାଶ, ପଣ୍ଡିତ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ଦାଶ, ଆଚାର୍ଯ୍ୟ



ସରୋଜ କାନ୍ତ ପାଣି, କାନ୍ହୁ ଚରଣ ପାଣି, ଦୁର୍ଗା ପ୍ରସାଦ ପାଣି ଓ ଅନେକ ସାଧୁ ସନ୍ଥ ଯଜ୍ଞ ଓ ପୂଜା ପାଠ କାର୍ଯ୍ୟକ୍ରମ ବିଧି ବ୍ୟବସ୍ଥା ଅନୁଯାଇ ପରିଚାଳନା କରିଥିଲେ । ନାମ ଯଜ୍ଞ ନିମନ୍ତେ ମହନ୍ତ ବ୍ରଜ ବନ୍ଧୁ ଦାଶ ମହାରାଜ, ଜ୍ଞାନ ଯଜ୍ଞ ତଥା ଭାଗବତ ଚର୍ଚ୍ଚା ଓ ପ୍ରବଚନ ଗୋବିନ୍ଦ ମୁରାରୀ ଦାଶ ଓ ସାଥିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଏହି ନାମ ଯଜ୍ଞ ରେ ଭେଟନଇ, ବାଲିଘାଇ, ମଠ ତେନ୍ତୁଳିଆ, ବାଲିଛାଇ ଓ ସୋଲଣ୍ଡି ନାମ ଦଳ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେହ ଦିନ ସୂର୍ଯ୍ୟ ପୂଜା, ଘୃତ ଯଜ୍ଞ, ନାମ ଯଜ୍ଞ, ସନ୍ଧ୍ୟାରେ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା. ପ୍ରତ୍ୟେକ ଦିନ ହଜାର ହଜାର ଆଖ ପାଖ ଗ୍ରାମ ର ଶ୍ରଦ୍ଧାଳୁ ଏହି ଆଧାତ୍ମିକ କ୍ରଯ୍ୟକ୍ରମ ରେ ଯୋଗ ଦେଇ ପ୍ରଭୁକୃପା ଲାଭ କରିବା ସଂଗେ ସଂଗେ ପ୍ରସାଦ ସେବନ କରୁଥିଲେ । ଏହି ପଞ୍ଚ ମହାଯଂଜ୍ଞ କାର୍ଯ୍ୟକ୍ରମ ରେ ବହୁ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ ।

# କପ୍ତିପଦା ବ୍ଲକର ୨୭ଗୋଟି ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ ଭିତ୍ତିଭୂମି

**ବାରିପଦା(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ତଥା ସଂପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କପ୍ତିପଦା ବ୍ଲକରେ ୨୭ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଭିତ୍ତିଭୂମି ଏବଂ ସ୍ୱତନ୍ତ୍ର ବିଲ୍ଡିଙ୍ଗ ଗୃହ ନ ଥିବା "ଶରତ ବିକାଶ ମଞ୍ଚ' ପକ୍ଷରୁ ଅଭିଯୋଗ କରାଯିବା ସହିତ ସେହି ସମସ୍ତ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ବିଲ୍ଡିଙ୍ଗ ଗୃହ ନିର୍ମାଣ କରାଯିବା ନିମନ୍ତେ ଅର୍ଥ ଅନୁମୋଦନ କରାଯିବା ଦାବି ନେଇ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର "ଶରତ ବିକାଶ ମଞ୍ଚ ' ସଭାପତି ଶ୍ରୀ ଗାମାଏ ରୀମିଲ ସିଂ ଗୋଇପାଇ ଏବଂ ଯୁଗ୍ମ ସମ୍ପାଦକ ଶ୍ରୀ ଜାମାଦାର ବାଲମୁରୁଙ୍କ ଦ୍ୱାରା ଦାବିପତ୍ର ପ୍ରଦାନ କରାଯାଇଥିବା ଜଣା ଯାଇଛି । ମଞ୍ଚ ପକ୍ଷରୁ ଦିଆ ଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ କପ୍ତିପଦା ବ୍ଲକ ଅନ୍ତର୍ଗତ - ରାଣୀପୋଖରୀ ପଞ୍ଚାୟତର(ଦମୁହାଣୀ, ହେସେଲଗୁଟୁ, ବୁଧୁସାହି ଏବଂ ରଜତନଗର-ହୁଡିସାହି ଅଙ୍ଗନବାଡ଼ି କେନ୍ଦ୍ର), ଶରତ ଗ୍ରାମ ପଞ୍ଚାୟତର ପଞ୍ଚାୟତର(ଜିତୁସାହି, ସେଲାଏପୋଖରୀ ଏବଂ ପୁରୁଣାପାଣି ହୁଡିସାହି ଅଙ୍ଗନବାଡି କେନ୍ଦ୍ର), ସରଢିହା ପଞ୍ଚାୟତର(ଭଣ୍ଡାର ହାଟସାହି ଅଙ୍ଗନବାଡ଼ି କେନ୍ଦ୍ର), ପଦ୍ମପୋଖରୀ ପଞ୍ଚାୟତର(ଜୁର୍କୀ ଅଙ୍ଗନୱାଡ଼ି କେନ୍ଦ୍ର), ରାମଚନ୍ଦ୍ରପୁର ପଞ୍ଚାୟତର (କେନ୍ଦୁଗୋଠ, ଭାଗବନ୍ଦ ଏବଂ ବାସୁସାହି ଅଙ୍ଗନବାଡି କେନ୍ଦ୍ର), ନୋଟ ଗ୍ରାମ ପଞ୍ଚାୟତର(ନୋଟ ହୁଡିସାହି ଅଙ୍ଗନବାଡି କେନ୍ଦ୍ର), ଲାବଣ୍ୟ ଦେଈପୁର ପଞ୍ଚାୟତର (କାନକୁମୁରା, ଗାଡାସାହି




ଶରତ ବିକାଶ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଏବଂ ମାହାରାସାହି ଅଙ୍ଗନବାଡି କେନ୍ଦ୍ର), ଦେଓ୍ୱାନବାହାଲୀ ପଞ୍ଚାୟତ (ପାଞ୍ଚସାହି ଅଙ୍ଗନବାଡି କେନ୍ଦ୍ର), ବଡଖଲାଡି ପଞ୍ଚାୟତ (ଦୁର୍ଗାପୁର ଅଙ୍ଗନବାଡ଼ି କେନ୍ଦ୍ର), ଜଡିଦା ଗ୍ରାମ ପଞ୍ଚାୟତ (ଘୁଣ୍ଟିବିଲ, କୋଲ୍‌ହସାହି ଏବଂ ରାଇକାଳିଆ ଅଙ୍ଗନବାଡି କେନ୍ଦ୍ର), ଜେ.ଏସ. ଜାମଡିହା ଗ୍ରାମ ପଞ୍ଚାୟତ (କଣ୍ଟାଗୋଡ଼ି ଏବଂ ହିଲ୍ ବ୍ଲକ-୪ ଅଙ୍ଗନବାଡି କେନ୍ଦ୍ର), କଳମଗୋଡିଆ ଗ୍ରାମ ପଞ୍ଚାୟତ (କୂପସାହି, ତେଣ୍ଡା ଏବଂ ସୁଡ଼ଙ୍ଗ ଅଙ୍ଗନୱାଡି କେନ୍ଦ୍ର), କପ୍ତିପଦା ଗ୍ରାମ ପଞ୍ଚାୟତ(ତେନ୍ତୁଳିସାହି ଅଙ୍ଗନୱାଡି କେନ୍ଦ୍ର) ମାନଙ୍କର ନିଜସ୍ୱ ଭିତ୍ତିଭୂମି ଏବଂ ବିଲ୍ଡିଙ୍ଗ ଗୃହ ନଥିବା ଦାବିପତ୍ରରେ ଦର୍ଶାଯାଇଛି । ଦାବିପତ୍ରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି କି ଯେ ଉପରଲିଖିତ ଅଙ୍ଗନବାଡି କେନ୍ଦ୍ର ଗୁଡିକର ନିଜସ୍ୱ ଭିତ୍ତିଭୂମି ଏବଂ ବିଲ୍ଡିଙ୍ଗ ଗୃହ ନ ଥିବାରୁ କେତେକ ଅଙ୍ଗନବାଡି କୁଟା ନଡ଼ା ଘରେ ଚାଲୁଛି ତ ଆଉ କେଉଁଠି କୁନି କୁନି ପିଲାମାନଙ୍କୁ ଗଛ ମୂଳେ ଅତ୍ୟନ୍ତ ଦୟନୀୟ ଭାବେ ପାଠ ପଢ଼ା ଯାଉଛି । ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ଅଙ୍ଗନୱାଡି ଦିଦି ମାନେ କେନ୍ଦ୍ର ନିମନ୍ତେ ଆସୁଥିବା ଅଣ୍ଡା, ଛତୁଆ ଲଡ଼ୁ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ପତ୍ର ଗୁଡ଼ିକ ଯତ୍ନ ସହକାରେ ରଖିବାକୁ ଅସୁବିଧା ଭୋଗୁଛନ୍ତି । କୁଟା ନଡ଼ା ଘରେ ହିଁ ଗର୍ଭବତୀ ମହିଳା ମାନଙ୍କୁ ଟିକାକରଣ କରାଯାଉଥିବା ଦୃଶ୍ୟ ମନକୁ ବ୍ୟଥିତ କରୁଛି ବୋଲି ଦାବି ପତ୍ରରେ ଲେଖିଛନ୍ତି । ଗଛ ମୂଳେ ପିଲା ମାନଙ୍କୁ ପାଠ ପଢା ଯାଉଛି ଯାହା ସେମାନଙ୍କ ମନକୁ ବିଚଳିତ କରୁଛି ବୋଲି ଦର୍ଶାଇଛନ୍ତି ।




# ଆଞ୍ଚଳିକ

## ରାଉରକେଲାରେ ଜାତୀୟ ପ୍ରଯୁକ୍ତି ଦିବସ




ରାଉରକେଲା (ଏନ୍.ଏମ୍.) : ରାଉରକେଲା ଲୋକାଲ୍ ସେଣ୍ଟରର ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ଦ୍ୱାରା ଜାତୀୟ ପ୍ରଯୁକ୍ତି ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ 'ଷ୍ଟ୍ରକ୍ଚରାଲ୍ ଆପ୍ଲିକେସନ୍ ପାଇଁ ଏଫ୍ଆର୍ପି କମ୍ପୋଜିଟ୍ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି' ଶୀର୍ଷକ ଉପରେ ଏକ ହାଇବ୍ରିଡ୍ ମୋଡ୍ ରେ ଅନଲାଇନ୍ ଏବଂ ଅଫଲାଇନ୍ ଭାବରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବକ୍ତା ଥିଲେ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରାଉରକେଲାର ସିଭିଲ୍ ଇଞ୍ଜିନିୟରିଂ ବିଭାଗର ଏଚଏଜି ପ୍ରଫେସର ଶିଶିର କୁମାର ସାହୁ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ମାନକ ସଚିବ ଇଂ ହିମାଂଶୁ ଶତପଥୀ। ସଭାର ଅଧ୍ୟକ୍ଷ ଇଂ ଦୀପ୍ତଙ୍କର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ।ସଚିବ ଇଂ ଶତପଥୀ ସଂକ୍ଷିପ୍ତରେ ବକ୍ତାଙ୍କ ପରିଚୟ ଦେଇଥିଲେ। ପ୍ରଫେସର ସାହୁ ତାଙ୍କ ଉପସ୍ଥାପନାରେ ଆଲୋକପାତ କରିଥିଲେ ଯେ ବର୍ତ୍ତମାନର ଅଧ୍ୟୟନ ପର୍ଯ୍ୟାୟକ୍ରମେ ଇନ୍-ପ୍ଲେନ୍ କମ୍ପ୍ରେସିଭ୍ ଲୋଡିଂର ଶିକାର ହୋଇଥିବା ଆୟତାକାର କାର୍ବନ ନାନୋଟ୍ୟୁବ୍-ରିଇନଫୋର୍ସଡ୍ କମ୍ପୋଜିଟ୍ (ସିଏନଟିଆରସି) ପ୍ଲେଟ୍‌ଗୁଡ଼ିକର ଗତିଶୀଳ ଅସ୍ଥିରତା ତଦନ୍ତ କରେ। ସସୀମ ଉପାଦାନ ପଦ୍ଧତି (ଏଫଇଏମ୍) ସହିତ ପ୍ରଥମ-କ୍ରମ ସିଅର୍ ଡିଫର୍ମେସନ୍ ତତ୍ତ୍ୱ (ଏଫଏସଡିଟି)ବ୍ୟବହାର କରି ସାଂଖ୍ୟିକ ବିଶ୍ଳେଷଣ କରାଯାଏ। ମାଟ୍ରିକ୍ସ ସାମଗ୍ରୀ ସାପେକ୍ଷରେ ବିଭିନ୍ନ ଓଜନ ପ୍ରତିଶତରେ ଅନ୍ତର୍ଭୁକ୍ତ ମଲ୍ଟି-ୱାଲ୍ଡ କାର୍ବନ ନାନୋଟ୍ୟୁବ୍ (ଏମଡବ୍ଲୁସିଏନଟିଏସ) ସହିତ କମ୍ପୋଜିଟ୍ ପ୍ଲେଟ୍‌ଗୁଡ଼ିକୁ ସଶକ୍ତ କରାଯାଏ। ଗଠିତ ସିଏନଟିଆରସି ପ୍ଲେଟ୍‌ଗୁଡ଼ିକର ପରୀକ୍ଷାମୂଳକ ଭାବରେ ନିର୍ଣ୍ଣିତ ସାମଗ୍ରୀ ଗୁଣଗୁଡ଼ିକୁ ସାଂଖ୍ୟିକ ସିମୁଲେସନ୍‌ରେ ନିୟୋଜିତ କରାଯାଏ। ବୋଲୋଟିନ୍‌ର ପ୍ରଥମ ଆନୁମାନିକ ବ୍ୟବହାର କରି ଗତିଶୀଳ ଅସ୍ଥିରତା କ୍ଷେତ୍ର(ଡିଆଇଆରଏସ) ମୂଲ୍ୟାଙ୍କନ କରାଯାଏ। ପ୍ଲେଟ୍‌ଗୁଡ଼ିକର ଗତିଶୀଳ ଅସ୍ଥିରତା ଆଚରଣ ଉପରେ ସିଏନଟି ଓଜନ ପ୍ରତିଶତ, ଦିଗ ଅନୁପାତ, ପ୍ଲେଟ୍ ଘନତା ଏବଂ ସୀମା ଅବସ୍ଥାର ପ୍ରଭାବ ପରୀକ୍ଷା କରିବା ପାଇଁ ଏକ ବ୍ୟାପକ ପାରାମେଟ୍ରିକ୍ ଅଧ୍ୟୟନ କରାଯାଏ। ବର୍ତ୍ତମାନର କାର୍ଯ୍ୟରେ, ଶିଳ୍ପ-ମୁଖୀ ବୁଣା ଫାଇବର ଲାମିନେଟେଡ୍ କମ୍ପୋଜିଟ୍ ପ୍ଲେଟ୍ ଏବଂ ସେଲ୍ ପ୍ୟାନେଲ୍‌ଗୁଡ଼ିକର ମୁକ୍ତ କମ୍ପନ, ବକଲିଂ ଏବଂ ଗତିଶୀଳ ସ୍ଥିରତା ବୈଶିଷ୍ଟ୍ୟଗୁଡ଼ିକର ତଦନ୍ତ କରିବା ପାଇଁ ଏକ ସସୀମ ଉପାଦାନ ଫର୍ମୁଲେସନ୍ ବିକଶିତ କରାଯାଏ। ବର୍ତ୍ତମାନର ସସୀମ ଉପାଦାନ ମଡେଲ ବ୍ୟବହାର କରି ପ୍ରାପ୍ତ ଫଳାଫଳଗୁଡ଼ିକ ବିଦ୍ୟମାନ ସାହିତ୍ୟରେ ଉପଲବ୍ଧ ଥିବା ସହିତ ଭଲ ସହମତ ଦେଖାଏ, ଯାହା ଦ୍ୱାରା ଫର୍ମୁଲେସନର ସଠିକତା ଏବଂ ନିର୍ଭରଯୋଗ୍ୟତାକୁ ବୈଧ କରିଥାଏ। ବର୍ତ୍ତମାନର ତଦନ୍ତରୁ, ଏହା ନିଷ୍କର୍ଷିତ ହୋଇପାରେ ଯେ ଲାମିନେଟେଡ୍ କମ୍ପୋଜିଟ୍ ପ୍ଲେଟ୍‌ଗୁଡ଼ିକର କମ୍ପନ ଆଚରଣ ଜ୍ୟାମିତି, ସାମଗ୍ରୀ ଗୁଣ, ପ୍ଲାଏ ଲେ-ଅପ୍ କ୍ରମ, ତାପମାତ୍ରା, ଆର୍ଦ୍ରତା ସାନ୍ଦ୍ରତା, ଡିଲାମିନେସନ୍, ବକ୍ରତା, ଫାଇବର ଓରିଏଣ୍ଟେସନ୍ ଏବଂ ଉପାଦାନ ସାମଗ୍ରୀର ପ୍ରକାର ସମେତ ଅନେକ କାରଣ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ ହୁଏ। ଏହା ଆହୁରି ମଧ୍ୟ ଦେଖାଯାଇଛି ଯେ ପ୍ରଥମ ଏବଂ ଚତୁର୍ଥ ମୋଡ୍ ଆକୃତିଗୁଡ଼ିକ ତାପମାତ୍ରା ବୃଦ୍ଧି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ ହୁଏ ନାହିଁ। ତଥାପି, ଦ୍ୱିତୀୟ ଏବଂ ତୃତୀୟ ମୋଡ୍ ଆକୃତିଗୁଡ଼ିକରେ ବର୍ଦ୍ଧିତ ତାପମାତ୍ରା ସହିତ ଉତ୍ତଳ ଏବଂ ଅବତଳରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୁଏ, ସମ୍ଭବତଃ ମୋଡାଲ୍ ଟ୍ରାଞ୍ଜିସନ୍ କିମ୍ବା ମୋଡ୍ ପରିବର୍ତ୍ତନ ପ୍ରଭାବ ଯୋଗୁଁ। ଉପସ୍ଥାପନା ପରେ ଶିଳ୍ପପତି ଏବଂ ଶିକ୍ଷାବିତ ମାନଙ୍କ ସହିତ ଏକ ଆକର୍ଷଣୀୟ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଇଂ ମହାପାତ୍ର ପ୍ରଫେସର ସାହୁଙ୍କୁ ତାଙ୍କ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଯୋଗ୍ୟତାର ପ୍ରମାଣପତ୍ର ଏବଂ ଏକ ସ୍ମାରକୀ ପ୍ରଦାନ କରିଥିଲେ। ସଚିବ ଇଂ ଶତପଥୀଙ୍କ ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ମୋଟ ୨୪ ଜଣ ସଦସ୍ୟ ଏବଂ ଅତିଥି ଏହି କାର୍ଯ୍ୟକ୍ରମରେ ଅନଲାଇନ୍ ଏବଂ ଅଫଲାଇନ୍ ଉଭୟରେ ଅଂଶଗ୍ରହଣ କରିଥିଲେ।

## କୋଣାର୍କରେ ଅନ୍ତର୍ଜାତୀୟ ସେବିକା ଦିବସ




ଗୋପ / କୋଣାର୍କ(ଏନ୍.ଏମ୍.): ସେବା କଥା ଯଦି ମନେପଡେ ତେବେ ସେବିକା ଠୁଁ ହିଁ ଜଣାପଡେ। ପବିତ୍ର ଅନ୍ତର୍ଜାତୀୟ ସେବିକା ଦିବସରେ କୋଣାର୍କ ସ୍ଥିତ ସ୍ୱର୍ଣ୍ଣଲତା ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଙ୍ଗ କଲେଜରେ ନୂତନ ଛାତ୍ରଛାତ୍ରୀଙ୍କ ଆଗମନ ଓ କୃତିତ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହାକି ଏହି କଲେଜଟି ଦୁଇଟି ଛାତ୍ରଛାତ୍ରୀଙ୍କୁ ନେଇ ଗଢାଯାଇଥିବା କଲେଜ ଆଜି ୨୦୦ଛାତ୍ରଛାତ୍ରୀରେ ପହଞ୍ଚି ଥିବା ବେଳେ ଅନ୍ତର୍ଜାତୀୟ ସେବିକା ଦିବସ ବଡ଼ ଧୁମ ଧାମରେ ପାଳନ କରିଛନ୍ତି । ସେବା ହିଁ ଧର୍ମକୁ ପାଥେୟ କରି ମଞ୍ଚାସିନ ଅତିଥି ମାନେ ନିଜର ଅଭିଭାଷଣରେ କହିଥିବା ବେଳେ ନର୍ସିଙ୍ଗ ସେବା ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସେବା ବୋଲି ମତ ରଖିଥିଲେ ଅତିଥି ଗଣ। ନର୍ସିଙ୍ଗ ସେବା ରୋଗୀଟିଏ ପାଇଁ ଏକ ପ୍ରାଥମିକ ସେବା ହୋଇଥାଏ। ସେବିକା ମାନେ ହସ୍ପିଟାଲ ମାନଙ୍କରେ ମା' ଯେପରି ତାର ଶିଶୁର ଦାୟିତ୍ୱ ନେଇ ପାଳନ ଲାଳନ କରିଥାଏ ସେହିପରି ନର୍ସିଙ୍ଗ କରିଥିବା ଝିଅ ମାନେ ପ୍ରତ୍ୟେକ ଚିକିତ୍ସାଳୟରେ ବିଭିନ୍ନ ରୋଗୀମାନଙ୍କୁ ନିଜର ଭାବି ସେବା ଯୋଗାଇ ଗର୍ବ ଅନୁଭବ କରିଥାନ୍ତି ବୋଲି ମୁଖ୍ୟ ଅତିଥି ମଞ୍ଚରେ ମତ ବାଢିଥିଲେ। ଯାହା ଛାତ୍ରଛାତ୍ରୀମାନଙ୍କୁ ବହୁତ ଆନନ୍ଦ ଦେଇଥିବା କୁହନ୍ତି ଛାତ୍ରଛାତ୍ରୀ। ଆଜିର ଉତ୍ସବରେ ମୁଖ୍ୟଅତିଥି ନିରଞ୍ଜନ ସାହୁ ମୁଖ୍ୟ ବକ୍ତା ରାମକୃଷ୍ଣ ମହାନ୍ତି ସହ ଅନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବିଶ୍ୱ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଶିକ୍ଷା ସ୍ୱାସ୍ଥ୍ୟ ଓ ସେବାକୁ ଗୁରୁତ୍ୱ ଦିଆଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଅତିଥ୍ୟ ରାଧାକୃଷ୍ଣ ମହାନ୍ତି କହିଛନ୍ତି।

## କୃଷ୍ଣପୁରରେ ମାଁ ମୁକ୍ତାଦେବୀ ଠାକୁରାଣୀଙ୍କ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ




ଚିକିଟି(ଏନ୍.ଏମ୍.) :ଚିକିଟି ବ୍ଲକ ଅନ୍ତର୍ଗତ କୃଷ୍ଣପୁର ଗ୍ରାମରେ ଆୟୋଜିତ ମାଁ ମୁକ୍ତାଦେବୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ମହା ଆଡମ୍ବର ଓ ଭକ୍ତିମୟ ପରିବେଶ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ଆଜି ଶେଷ ହୋଇଛି। ଯାତ୍ରାର ପ୍ରଥମ ଦିନରେ ଦେବୀଙ୍କୁ ସ୍ଥାୟୀ ମନ୍ଦିରରୁ ଅସ୍ଥାୟୀ ମଣ୍ଡପକୁ ଆଣି ବିରାଜମାନ କରାଯାଇଥିଲା। ମଙ୍ଗଳବାର ରାତ୍ରିରେ ମହାଆଳତି ସମର୍ପଣ ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ପରେ ମାଁଙ୍କ ଗ୍ରାମ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ଭକ୍ତଙ୍କ ଗହଣରେ ମାଁଙ୍କ ପାଲକୀ ଗ୍ରାମ ପରିକ୍ରମା କରି ଭୋର ସମୟରେ ପୁନର୍ବାର ସ୍ଥାୟୀ ମନ୍ଦିରକୁ ଫେରିଥିଲା। ରଙ୍ଗବେରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ ଗ୍ରାମର ଶୋଭା ସମଗ୍ର ଅଞ୍ଚଳକୁ ଉତ୍ସବମୁଖର କରିଥିଲା। ଭକ୍ତିଭାବ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ମାଁଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସାତ ଦିନ ଧରି ଚାଲିଥିବା ଏହି ଯାତ୍ରାରେ ପୌରାଣିକ କଥାବସ୍ତୁ ଆଧାରିତ ନାଟକ 'ଭାରତ ଲୀଳା', 'ପ୍ରହଲ୍ଲାଦ ନାଟକ', 'ନବରଙ୍ଗ' ଆଦି ମଞ୍ଚସ୍ଥ ହୋଇଥିଲା। ବରିଷ୍ଠ ନାଟ୍ୟକାର ସ୍ୱର୍ଗତ ଦୁର୍ଗା ପ୍ରସାଦ ରାଉଳଙ୍କ ସ୍ମୃତିରେ କୃଷ୍ଣପୁରର ବର୍ଷିୟାନ କଳାକାରମାନଙ୍କୁ ନେଇ ସ୍ୱପ୍ନେଶ୍ୱର ପ୍ରଧାନଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ 'ଅଲକ୍ଷଣୀ' ଓ 'ଦରିଆକୂଳରେ ଦରଦୀ ବନ୍ଧୁ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକଗୁଡ଼ିକରେ କଳାକାର ବୁଲୁ ରାଉଳ, ମନୁ, ପ୍ରଦୀପ, ବାରିକ, ରବି, ପିଙ୍କୁ, ରାଜେଶ, ସାଗର, ସାଇ, ରୋହନ, ଅଲେଖ, ଚନ୍ଦନ, ଶିବ, କାହ୍ନା, ସୋମା, ବିଦ୍ଯୁ, ସଞ୍ଜୁ, ଲକି ଓ ବାଳାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ଏହି ଅବସରରେ ସ୍ୱର୍ଗତ ଦୁର୍ଗା ପ୍ରସାଦ ରାଉଳଙ୍କ ପତ୍ନୀ କନକ ମଞ୍ଜରୀ ରାଉଳ, ବରିଷ୍ଠ କଳାକାର କୃଷ୍ଣଚନ୍ଦ୍ର ପ୍ରଧାନ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରକାଶଚନ୍ଦ୍ର ପ୍ରଧାନ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ରେଳୱେ ଇନ୍ସପେକ୍ଟର କାଳୁ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଯାତ୍ରାର ଶେଷ ଦିବସରେ ପୌରାଣିକ ନାଟକ 'ମହାଭାରତ' ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ଦୂରଦୂରାନ୍ତରୁ ବହୁ ବନ୍ଧୁବାନ୍ଧବ ଓ ଭକ୍ତମାନେ ଆସି ଗ୍ରାମରେ ରହି ଯାତ୍ରାର ଆନନ୍ଦ ଉପଭୋଗ କରିବା ସହ ମାଁଙ୍କ ଦର୍ଶନ କରିଥିଲେ। ଯାତ୍ରା ସମୟରେ ବିଭିନ୍ନ ସାଂସ୍କୃତିକ ବେଶ ଓ ପଟୁଆର ଭକ୍ତମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ଶେଷ ଦିବସରେ ମାଁଙ୍କ ବିଦାୟ ରଜନୀରେ ସାହିବାସିନ୍ଦାଙ୍କ ସମେତ ବାହାରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଯାତ୍ରା କମିଟି ସଭାପତି ଲକ୍ଷ୍ମୀକାନ୍ତ ପ୍ରଧାନ (କୁନା), ସମ୍ପାଦକ ସିମାଞ୍ଚଳ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ ରାଉଳ ଓ ଗ୍ରାମବାସୀଙ୍କ ସହଯୋଗରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା।

## ହାଇକୋର୍ଟର ଆଇନଜୀବୀ ଶୈଳେନ୍ଦ୍ର ନାରାୟଣ ସେନାପତିଙ୍କ ପରୋଲୋକ



କଟକ(ଏନ୍.ଏମ୍.): ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ନାରାୟଣ ସେନାପତିଙ୍କ ୬୨ ବର୍ଷ ବୟସରେ କଟକ ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାରେ ପରଲୋକ ଘଟିଛି। କଟକ ଡଗରପଡ଼ା ସ୍ଥିତ ତାଙ୍କ ବାସଭବନରେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସମେତ ଜ୍ଞାତି ପରିଜନ ଶେଷ ଦର୍ଶନ କରିଥିଲେ । କଟକ ସତୀ ଚଉରା ଠାରେ ଶେଷକୃତ୍ୟ ସମ୍ପନ୍ନ କରାଇଛି। ସ୍ୱର୍ଗତ ସେନାପତିଙ୍କ ସାନ ଭାଇ ଦେବେନ୍ଦ୍ର ନାରାୟଣ ସେନାପତି ମୁଖାଗ୍ନି ଦେଇଥିଲେ। ତାଙ୍କ ଶବାଧାର ନିକଟରେ କକା ଡାକ୍ତର ପ୍ରସନ୍ନ କୁମାର ନାୟକ, ପତ୍ନୀ ବନ୍ଦିତା ସେନାପତି, ଝିଅ ଅତନୁ ସେନାପତି, ଜ୍ୱାଇଁ କିର୍ତ୍ତୀବନ୍ତ ସେନାପତି, ସମ୍ବିତ୍ କର, ଅସୀମା ସେନାପତି, ଆୟୁଷ ସେନାପତି, ଅଂଶୁକା ଧୃତିତପା, ଆଦର୍ଶୀ ସେନାପତି, ବିଶ୍ୱଜିତ ସେନାପତି, ଲଳିତ ସେନାପତି, ତପସ୍ୱିନୀ ମହାପାତ୍ର, ଜ୍ୟୋତିର୍ମୟୀ ନାୟକ, ବିଭୁ ପ୍ରସାଦ ନାୟକ, ଅଶୋକ କୁମାର ଦାଶ, ସ୍ୱୟଂ ପ୍ରଭା ଦାଶ, ରେଣୁବାଳା ସେନାପତି, ଶ୍ରଦ୍ଧାଞ୍ଜଳି ସେନାପତି, ହେମନ୍ତ ଆଚାର୍ଯ୍ୟ, ଦୀପକ ଗ୍ରହାଚାର୍ଯ୍ୟ, ଭବାନୀ ଶଙ୍କର ମହାପାତ୍ର, ଶୁଭ ନାରାୟଣ ଆଚାର୍ଯ୍ୟ, ଲଳିତ ମୋହନ ନାୟକ, ରାଧାମୋହନ ନାୟକ, ଜଗମୋହନ ନାୟକ , କମଳ ଲୋଚନ ସେନାପତି, ଶରତ କର, ରାମଚନ୍ଦ୍ର ନାୟକ, ଅଳକା କର, କାର୍ତ୍ତିକ ସେନାପତି, ପୂର୍ଣ୍ଣ ଚନ୍ଦ୍ର ସେନାପତି, ଡବ୍ଲୁ ସେନାପତି, ବବ୍ଲୁ ସେନାପତି, ଏବଂ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମିସ୍ ଛତ୍ରପୁର କରୀନା ଦାସଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର(ଏନ୍.ଏମ୍.) : ସଲମାନ ଡ୍ୟାନ୍ସ ଏକାଡେମୀ ତରଫରୁ ଛତ୍ରପୁର ସଂସ୍କୃତି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଓ ମିସ୍ ଛତ୍ରପୁର ୨୦୨୬ ରେ କରୀନା ଦାସ ମିସ୍ ଛତ୍ରପୁର ଭାବେ ବିଜୟୀ ମୁକୁଟ ପରିଧାନ କରିଥିଲେ। କରୀନା ଙ୍କ ଏପରି ସଫଳତା ଲାଗି ତାଙ୍କୁ ବିଭିନ୍ନ ମହଲରୁ ଶୁଭକାମନା ଜ୍ଞାପନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଠାରେ କରୀନାଙ୍କୁ ସ୍ୱଗି ଡ୍ୟାନ୍ସ ଏକାଡେମୀ ଓ ଶ୍ରୁତି ଡ୍ୟାନ୍ସ ଏକାଡ଼େମୀ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ଏହି ଅବସରରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର୍ ସାହୁ , ସ୍ୱଗୀ ଡ୍ୟାନ୍ସ ଏକାଡ଼େମୀ ମୁଖ୍ୟ ତଥା ଫ୍ୟାସନ ମଡେଲର କିରନ ଚୌଧୁରୀ , ଶ୍ରୁତି ଡ୍ୟାନ୍ସ ର ମୁଖ୍ୟ ସଂତୋଷିନି ବେହେରା ପ୍ରମୁଖ ଯୋଗ ଦେଇଥିଲେ । କରୀନା ଙ୍କ ପିତା ଗୋଳାବନ୍ଧ ନିବାସୀ ସନତ କୁମାର୍ ଦାସ ଓ ମାତା ମଧୁସ୍ମିତା ଦାସ ଙ୍କ ସମେତ ବହୁ ମଡେଲର, ଶୁଭେଚ୍ଛୁଓ ପରିବାର ବର୍ଗ ଉପସ୍ଥିତ ରହି କରୀନା ଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିବା ସହ କେକ କାଟି ଶୁଭକାମନା ଜଣାଇଥିଲେ। ଆଗକୁ ମଧ୍ୟ କରୀନା ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ କରୀନା ଗୋଳାବନ୍ଧ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ରେ ଯୁକ୍ତ ୨ଦ୍ୱିତୀୟ ବର୍ଷ ରେ ଅଧ୍ୟୟନ କରୁଛନ୍ତି । ଏପରି ସଫଳତା ଲାଗି ସେ ମଡେଲର କିରନ୍ ଆଉ ନିଜ ପିତା ମାତା ଙ୍କୁ କୃତଜ୍ଞତା ଜଣାଇଛନ୍ତି । କରୀନା ମଡେଲିଙ୍ଗ ସହ ନୃତ୍ୟ,ସଂଯୋଜନା ଓ ପଢ଼ିବାକୁ ଭଲ ପାଆନ୍ତି ।

## ନୂତନ ଡିଏଫ୍ଓ ଉଦୟ ସୁବୁଦ୍ଧିଙ୍କ ଯୋଗଦାନ ବିଦାୟ ନେଲେ ଡିଏଫ୍ଓ ଶୁଭେନ୍ଦୁ ବେହେରା



ନବରଙ୍ଗପୁର(ଏନ୍.ଏମ୍.) :ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଏକ ଭାବପୂର୍ଣ୍ଣ ବିଦାୟ ଓ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦାୟୀ ଜିଲ୍ଲା ବନାଧିକାରୀ (ଡିଏଫ୍ଓ) ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ବଦଳି ହୋଇ ଯାଇଥିବା ବେଳେ, ତାଙ୍କ ସ୍ଥାନରେ ସୁନ୍ଦରଗଡରୁ ଆସିଥିବା ଡିଏଫ୍ଓ ଅଧିକାରୀ ଉଦୟ ସୁବୁଦ୍ଧି ନୂତନ ଉରଙ୍ଗ ଆନୁଷ୍ଠାନିକ ଭାବରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଦାୟ ବେଳର ଭାବପୂର୍ଣ୍ଣ ମୁହୂର୍ତ୍ତ ଶ୍ରୀ ବେହେରାଙ୍କ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲାରେ ଜଙ୍ଗଲ ସୁରକ୍ଷା, ବନୀକରଣ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସଚେତନତା ଦିଗରେ ଅନେକ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତାଙ୍କ ସରଳ ବ୍ୟବହାର, କର୍ମନିଷ୍ଠା ଓ ଜନସମ୍ପର୍କ ପାଇଁ ସେ କର୍ମଚାରୀ ଓ ସାଧାରଣ ଲୋକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ବିଦାୟ ବେଳେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ତାଙ୍କ ଅବଦାନକୁ ସ୍ମରଣ କରି ଭାବବିହ୍ୱଳ ହୋଇପଡିଥିଲେ। ନୂତନ ଡିଏଫ୍ଓଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ ନୂତନ ଜିଲ୍ଲା ବନାଧିକାରୀ ଭାବେ ଯୋଗ ଦେଇଥିବା ଡିଏଫ୍ଓ ଅଧିକାରୀ ଉଦୟ ସୁବୁଦ୍ଧି ପୂର୍ବରୁ ସୁନ୍ଦରଗଡରେ କାର୍ଯ୍ୟରତ ଥିଲେ। ଆଜି ସେ ନବରଙ୍ଗପୁର ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରି ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ପରିଚୟ ଆଦାନ ପ୍ରଦାନ ହୋଇଥିଲେ। ସେ ସମସ୍ତଙ୍କ ସହଯୋଗ କାମନା କରିବା ସହ ଜିଲ୍ଲାରେ ଜଙ୍ଗଲ ଓ ପରିବେଶ ସୁରକ୍ଷାକୁ ଅଧିକ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି।

### ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଜ୍ୟୋତ୍ସ୍ନା ରାଣୀ ଜେନାଙ୍କ ସାମ୍ବାଦିକ ସମ୍ମିଳନୀ

## ୨୦୨୭ରେ ଜିଲ୍ଲାପରିଷଦ, ୨୦୨୯ରେ ୫ ଆସନ ଦଖଲ କରିବ ବିଜେପି



କେନ୍ଦ୍ରାପଡ଼ା (ଏନ୍.ଏମ୍.): ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ଦଖଲ କରିବ। ଏହାସହ ୯ଟି ଯାକ ବ୍ଲକରେ ବିଜେପି ସମର୍ଥିତ ପ୍ରାର୍ଥୀ ପଞ୍ଚାୟତସମିତି ଦଖଲ କରିବେ। ଏହାପରେ ୨୦୨୯ରେ କେନ୍ଦ୍ରାପଡ଼ା ଜିଲାର ସମସ୍ତ ୫ଟି ଯାକ ଆସନ ବିଜେପି ଦଖଲ କରିବ ବୋଲି ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ନିଯୁକ୍ତି ପାଇଥିବା ଡ. ଜ୍ୟୋତ୍ସ୍ନାରାଣୀ ଜେନା ଗତବୁଧବାର ହୋଟେଲ ମୟୁରୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ମତବ୍ୟକ୍ତ କରିଛନ୍ତି। ଡ. ଜେନା କହିଛନ୍ତି ଏବେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ବିଜେପି ଦଖଲରେ ରହିଛି। ଏହାସହ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବିଜେପି ଦଖଲରେ ରହିଛି। ଆଗକୁ କେନ୍ଦ୍ରାପଡ଼ା, ପାଟକୁରା, ରାଜନଗର, ଆଳି ନିର୍ବାଚନମଣ୍ଡଳୀ ମଧ୍ୟ ବିଜେପି ଦଖଲରେ ରହିବ। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ପଥରେ ଆଗେଇ ଚାଲିଛି। କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାର ବିକାଶ କାର୍ଯ୍ୟ ଆଗେଇ ଚାଲିଛି। ଏହାସହ ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲାରେ ବିକାଶମୂଳକ କାର୍ଯ୍ୟ ଚାଲିଛି। ବିଜେପିର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ଅଧିକ ସଂଗଠିତ କରାଯିବ। ଫଳରେ ଅନ୍ୟ ୪ଟି ଆସନ ମଧ୍ୟ ବିଜେପି ଦଖଲକୁ ଆସିବ। ସେହିପରି ଜିଲ୍ଲାରେ ମହିଳା ଭୋଟ ବ୍ୟାଙ୍କ କିପରି ଶହେ ପ୍ରତିଶତ ବିଜେପି ଖାତାକୁ ଆସିବ ସେନେଇ ସେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ। ସମସ୍ତ କର୍ମୀଙ୍କୁ ସାଙ୍ଗରେ ନେଇ କେନ୍ଦ୍ରାପଡ଼ା ଜିଲାରେ ୨୦୨୭ରେ ଜିଲ୍ଲା ପରିଷଦ ଦଖଲ ଓ ୨୦୨୯ରେ ଜିଲାର ୫ଟି ଯାକ ନିର୍ବାଚନମଣ୍ଡଳୀ ଦଖଲ କରାଯିବ ବୋଲି ଡ. ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବୁଧବାର ୨୦୦ରୁ ଅଧିକ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ କେନ୍ଦ୍ରାପଡ଼ାର ଆରାଧ୍ୟ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଦର୍ଶନ କରିବା ପରେ ଶ୍ରୀମତୀ ଜେନା ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ତାଙ୍କର ସାଙ୍ଗଠନିକ ଦକ୍ଷତା ଉପରେ ଦୃଢୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ ଗତ ୨୫ ବର୍ଷ ଧରି ସେ କେନ୍ଦ୍ରାପଡ଼ା ରାଜନୀତିରେ ଜଣେ ସକ୍ରିୟ ନେତ୍ରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ସେ ପୂର୍ବରୁ ୮ ନଂ. ଜୋନର ଜିଲା ପରିଷଦ ସଭ୍ୟା ଥିଲେ। ଏହାସହ ଜିଲା ଯୋଜନା ବୋର୍ଡର ସଭ୍ୟା ଥିଲେ। ସେହିପରି ସେ ଏବେ ଦିଶା(ଡିଷ୍ଟ୍ରିକ୍ଟ ଡେଭେଲପମେଣ୍ଟ କୋର୍ଡିନେସନ ଆଣ୍ଡ ମନିଟରିଂ କମିଟି)ର ସଦସ୍ୟା ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି କାର୍ଯ୍ୟକର୍ତ୍ତା ବନ୍ଦନାରାଣୀ ରାଉତରାୟ, ରୀନାରାଣୀ ଦାସ, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିଆର୍ ମିଲିୟନ ହୋପ୍ ଟ୍ରଷ୍ଟ ପକ୍ଷରୁ ଅସହାୟଙ୍କୁ ସହାୟତା ପ୍ରଦାନ




ବଡ଼ଚଣା (ଏନ୍.ଏମ୍.) :ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ପଞ୍ଚାୟତ ଅଧିନସ୍ଥ ରାମଦାଶପୁରର ସି ଆର୍ ମିଲିୟନ ହୋପ୍ ଟ୍ରଷ୍ଟ ଜଣେ ଅସହାୟ ବୃଦ୍ଧାଙ୍କୁ ସହାୟତାର ହାତ ବଢାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛି। ସେ ମହିଳା ଜଣକ ହେଉଛନ୍ତି ରଇପୁର ଗ୍ରାମର ସୋଲି ତରାଇ। ତାଙ୍କ ଅସୁବିଧା ବିଷୟରେ ଜାଣିବା ପରେ ଟ୍ରଷ୍ଟର କିଛି ସଭ୍ୟ ତାଙ୍କ ଗୃହ ପରିଦର୍ଶନରେ ଆସିଥିଲେ ଓ ଅତି ନିକଟରୁ ତାଙ୍କ ଦାରିଦ୍ର୍ୟକୁ ଦେଖିଥିଲେ। ବିଚାରବିମର୍ଷ ପରେ ଟ୍ରଷ୍ଟ ତରଫରୁ ଏକ ସିଲିଂ ପଙ୍ଖା,ଲାଇଟ୍ ବଲ୍, ଶୁଖିଲା ଖାଦ୍ୟ ସାମଗ୍ରୀ ଓ ଏକ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ଟ୍ରଷ୍ଟ ର ସଭାପତି ତୀର୍ଥ ସ୍ୱାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ବିଧାୟକ ଓ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କୁ ସେହି ଅସହାୟ ମହିଳାଙ୍କୁ ସହାୟତା ପ୍ରଦାନ କରିବାପାଇଁ ଅନୁରୋଧ କରିଛନ୍ତି। ଟ୍ରଷ୍ଟ ର ସମ୍ପାଦକ ଚିତ୍ତ ରଞ୍ଜନ ସେନାପତି, ଉପସଭାପତି ବିଶ୍ୱରଂଜନ ସେନାପତି ,ଜ୍ଞାନରଞ୍ଜନ ସେନାପତି ,ବିଶ୍ୱରଂଜନ ପଣ୍ଡା, ବରିଷ୍ଠ ସଭ୍ୟ ବସନ୍ତ କୁମାର ସ୍ୱାଇଁ, ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ଉମେଶ ଚନ୍ଦ୍ର ସେନାପତି ଓ ବିଶିଷ୍ଟ ସାହିତ୍ୟିକ ଓ କବି ହିମାଂଶୁ ଭୂଷଣ ଜେନା ଉପସ୍ଥିତ ରହି ସହଯୋଗ କରିଥିଲେ।

## କାଳବୈଶାଖୀ ଯୋଗୁଁ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ହୋର୍ଡିଂ କ୍ଷତିଗ୍ରସ୍ତ



ରାଉରକେଲା (ଏନ୍.ଏମ୍.): ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ଝଡ଼ ଏବଂ ପ୍ରବଳ ପବନ ସହ ବର୍ଷା ପ୍ରଭାବରେ ରାଉରକେଲା ସରକାରୀ କଲେଜ ନିକଟସ୍ଥ ରୋଟାରୀ ଛକରେ ଥିବା ମୁଖ୍ୟ ରାସ୍ତା ଉପର ଦେଇ ଯାଇଥିବା ପିଡବ୍ଲୁଡିର ଏକ ବଡ଼ ସୂଚନା ହୋର୍ଡିଂ ଭୁଶୁଡ଼ି ପଡ଼ିଥିଲା। ସୌଭାଗ୍ୟବଶତଃ, ଘଟଣା ସମୟରେ କୌଣସି ଯାନବାହାନ କିମ୍ବା ପଦଯାତ୍ରୀ ସେହି ଅଞ୍ଚଳ ଦେଇ ଯାଉ ନଥିଲେ, ଯାହା ଏକ ବଡ଼ ଦୁର୍ଘଟଣା ଏବଂ ସମ୍ଭାବ୍ୟ ମୃତାହତକୁ ଏଡାଇ ଦେଇଥିଲା।

ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗ ଦ୍ୱାରା ପୁରୁଷ ହକି ବିଶ୍ୱକପ୍ - ୨୦୨୪ ସମୟରେ ରାସ୍ତା ଉପରେ ହୋର୍ଡିଂ ଲଗାଯାଇଥିଲା। ଏଥିରେ 'ସବୁଜ ରାଉରକେଲା, ସ୍ୱଚ୍ଛ ରାଉରକେଲା' ବାର୍ତ୍ତା ଲେଖାଯାଇଥିଲା। କାଳବୈଶାଖୀ ପ୍ରଭାବରେ ହଠାତ୍ ଝଡ଼ବର୍ଷା ଯୋଗୁଁ ନିର୍ମାଣ ଦୁର୍ବଳ ହୋଇଯାଇଥିଲା, ଯାହା ଫଳରେ ଏହାର ଗୋଟିଏ ପାର୍ଶ୍ୱ ରାସ୍ତା ଉପରେ ଭୁଶୁଡ଼ି ପଡ଼ିଥିଲା। ଘଟଣା ପରେ, ଯୁବ ନେତା ପ୍ରକାଶ ପାଣ୍ଡେଙ୍କ ଠାରୁ ସୂଚନା ପାଇ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ଅଞ୍ଚଳକୁ ସଫା କରିବା ଏବଂ ରାସ୍ତାରେ ସ୍ୱାଭାବିକ ଗତିବିଧି ଫେରାଇ ଆଣିବା ପାଇଁ ପୁନରୁଦ୍ଧାର ଏବଂ ଅପସାରଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଘଟଣା ପୁଣି ଥରେ ଅଞ୍ଚଳରେ ଚାଲିଥିବା କାଳବୈଶାଖୀ ଋତୁରେ ବଡ଼ ପଥପାର୍ଶ୍ୱ ହୋର୍ଡିଂଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନ ସୃଷ୍ଟି କରିଛି।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ମୋହନ ସରକାର ପାଳିବେ ...

କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡିଶା, ସମୃଦ୍ଧ କୃଷି ଓଡିଶା, ସୁସ୍ଥ ଓଡିଶା, ନିର୍ମାଣ ଓଡିଶା, ଉତ୍କର୍ଷ ଓଡିଶା, ଜନଶକ୍ତି ଓଡିଶା ଏବଂ କୌଶଳ ଓଡିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ। ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଠିକ୍ ସେହିପରି ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ରାଜନୀତିରେ ବଡ଼ ହଲଚଲ୍ ଦେଖିବାକୁ ମିଳିଛି। ଏହି ଅବସରରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଥିବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଜେପିର ନବନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ହୋଇଥିବାରୁ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ତାଙ୍କ ଗସ୍ତର ରୂପରେଖ ପ୍ରସ୍ତୁତ କରିବା ପାଇଁ ଆସନ୍ତା ମଙ୍ଗଳବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହି ବୈଠକରେ ରାଜ୍ୟର ବରିଷ୍ଠ ନେତା, ଜିଲ୍ଲା ପଦାଧିକାରୀ ଏବଂ ମଣ୍ଡଳ ସଭାପତିମାନେ ଯୋଗ ଦେବେ।

## ଟାର୍ଗେଟ୍ ଲିଷ୍ଟ ରେଡ୍ଡୀ, ଇରାନ ଉପରେ ...

ଅଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ କହିଛନ୍ତି ଯେ ଇରାନ ସହିତ ଶାନ୍ତି ପ୍ରୟାସ ପ୍ରାୟ ଶେଷ ହୋଇଛି। ପାକିସ୍ତାନ ଦ୍ୱାରା ମଧ୍ୟସ୍ଥତା ହୋଇଥିବା ଆଲୋଚନା ମଧ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଇରାନ ହର୍ମୁଜ୍ ପ୍ରଣାଳୀ ଉପରେ ପୂର୍ଣ୍ଣ ସାର୍ବଭୌମତ୍ୱ ଏବଂ ଏକ ନୂତନ ପରିଚାଳନା ବ୍ୟବସ୍ଥା ଦାବି କରିଥିଲା। ଯାହାକୁ ଟ୍ରମ୍ପ ସିଧାସଳଖ ପ୍ରତ୍ୟାଖାନ କରିଥିଲେ। ମଧ୍ୟପ୍ରାଚ୍ୟରେ ବଢ଼ିବ ଉତ୍ତେଜନା- ଯଦି ଏହି ଆକ୍ରମଣ ବାସ୍ତବରେ ହୁଏ, ତେବେ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଆହୁରି ଭୟାବହ ହେବାର ଆଶଙ୍କା କରାଯାଉଛି। ଆମେରିକା ଏବଂ ଇସ୍ରାଏଲର ଏହି ପଦକ୍ଷେପ ଯୋଗୁଁ ବିଶ୍ୱ ସ୍ତରରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ତର୍ଜାତୀୟ ସମୁଦାୟ ବର୍ତ୍ତମାନ ଏହି ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଇସ୍ରାଏଲର ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ କ୍ଷେପଣାସ୍ତ୍ର ଭଣ୍ଡାରକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବା। ଦୀର୍ଘ ଦିନ ଧରି ମଧ୍ୟପ୍ରାଚ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଇରାନର ସାମରିକ ଶକ୍ତିକୁ ଦୁର୍ବଳ କରିବା ପାଇଁ ଉଭୟ ଦେଶ ଏହି ପଦକ୍ଷେପ ନେବାକୁ ଯାଉଛନ୍ତି। ଏହି ମିଳିତ ଅଭିଯାନ ପାଇଁ ସୁରକ୍ଷା ବାହିନୀ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି। ଯଦିଓ ଉଭୟ ପକ୍ଷ ଦ୍ୱାରା କୌଣସି ସରକାରୀ ଘୋଷଣା କରାଯାଇନାହିଁ, ସାମରିକ ପ୍ରସ୍ତୁତି ତୀବ୍ର ହୋଇଛି।

## ତେଜିବ ଦରଦାମ, ବିଗିଡ଼ିଯିବ ସାଧାରଣ ଜନତାଙ୍କ ...

୩,୩୦୦ରୁ ଅଧିକ ସ୍ଥାନୀୟ ଏବଂ ରାଜ୍ୟସ୍ତରୀୟ ସଂଘଗୁଡ଼ିକ ତରଫରୁ ପ୍ରତିନିଧିତ୍ୱ କରିଥାଏ। ଏହି ସଂସ୍ଥାଗୁଡ଼ିକରେ ୯୫ ଲକ୍ଷ ଟ୍ରକର, ୫୦ ଲକ୍ଷ ବସ୍ ଏବଂ ଟୁରିଷ୍ଟ ଅପରେଟର ଜଡ଼ିତ ଅଛନ୍ତି। ଡିଜେଲ ଭାରତର ପରିବହନ ନେଟ୍‌ୱର୍କର ମେରୁଦଣ୍ଡ ସଦୃଶ। ଟ୍ରକ, ବସ୍, କୃଷି ଉପକରଣ ଏବଂ ଶିଳ୍ପ ଲଜିଷ୍ଟିକ୍ ନେଟ୍‌ୱର୍କ ଏହା ଦ୍ୱାରା ଚାଲିଥାଏ। ଇନ୍ଧନ ଦରରେ ସାମାନ୍ୟ ବୃଦ୍ଧି ବିଭିନ୍ନ ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିବ। ଯୋଗାଣ ଶୃଙ୍ଖଳକୁ ଏକ୍‌ଦମ୍ ବିଗାଡ଼ିଦେବ। ଫଳରେ ଦେଶରେ ଜୀବନଧାରଣ ଖର୍ଚ୍ଚ ବଢ଼ିଯିବ। ପରିବା, ଫଳ, ସଉଦା, ଦୁଗ୍ଧ, ପ୍ୟାକେଟ ଖାଦ୍ୟ, ଔଷଧ ଏବଂ ଜରୁରୀ ସାମଗ୍ରୀ ପରିବହନ ହେଉଥିବା ଅଧିକାଂଶ ଟ୍ରକ ଡିଜେଲରେ ଚାଲିଥାଏ। ବସ୍, ଟ୍ରାକ୍ଟର, ଜେନେରେଟର ଏବଂ ବାଣିଜ୍ୟିକ ଯାନ ବି ଏହା ଉପରେ ନିର୍ଭର। ଡିଜେଲ ଦର ବଢ଼ିବା ଦ୍ୱାରା ପରିବହନକାରୀମାନଙ୍କୁ ସାମଗ୍ରୀ ପଠାଇବା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। କମ୍ପାନିଗୁଡ଼ିକ ଏହାର ବୋଝ ଗ୍ରାହକଙ୍କ ଉପରେ ପକାଇବେ। ଟମାଟୋ, ପିଆଜ ଏବଂ ଫଳ ଆଦି ଦର ବଢ଼ିବ। ଇନ୍ଧନ ଦର ବଢ଼ିବାର ପ୍ରଥମ ପ୍ରଭାବ ହାଣ୍ଡିଶାଳ ବଜେଟ ଉପରେ ପଡ଼ିଥାଏ। ପନିପରିବା, ଫଳ, ଦୁଗ୍ଧ, ଦହି, ପନୀର, ଶସ୍ୟ ଦର ବଢ଼ିବ। ଏଭଳି ସାମଗ୍ରୀକୁ ଶୀଘ୍ର ପହଞ୍ଚାଇବାକୁ ପଡ଼ିଥାଏ। କାରଣ ଏହା ଅତି ଶୀଘ୍ର ନଷ୍ଟ ହୋଇଯାଇଥାଏ। ଏଥିପାଇଁ ରେଫ୍ରିଜରେଟେଡ୍ ଯାନ କିମ୍ବା ଶୀତଳ ଭଣ୍ଡାର ବ୍ୟବସ୍ଥାର ଆବଶ୍ୟକ ହୋଇଥାଏ। ଏହିଭଳି ଭାବେ ଗାଡ଼ିରେ ଅଧିକ ତେଲ ଆବଶ୍ୟକ ହୋଇଥାଏ। ଇନ୍ଧନ ଖର୍ଚ୍ଚ ବଢ଼ିବା ସହ ଦରଦାମ ତେଜିବା ସ୍ୱାଭାବିକ। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଫଳରେ ପ୍ରତି ମାସ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ ବିକ୍ରିରେ ତୈଳ ବିପଣନ କମ୍ପାନିଗୁଡ଼ିକ ୩୦,୦୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି। ଏହି କ୍ଷତିକୁ ଭରଣା କରିବା ପାଇଁ ଏଇ ୩ ଟଙ୍କାର ବୃଦ୍ଧି ଯଥେଷ୍ଟ ନୁହେଁ। ଆଗକୁ ଇନ୍ଧନ ଦରରେ ଆହୁରି ବୃଦ୍ଧି ସମ୍ଭାବନା ରହିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ବର୍ତ୍ତମାନ ଓଡିଶାରେ ୯୦ ହଜାର କୋଟି ଟଙ୍କାର ...

ନବରଙ୍ଗପୁର, ନବରଙ୍ଗପୁର-ଜୟପୁର, ଜୟପୁର-ମାଲକାନଗିରି, ବରଗଡ଼-ନୂଆପଡ଼ା, ଗୁଣୁପୁର-ଥେରୁବାଲି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଏବଂ ବିମଳାଗଡ଼-ତାଳଚେର ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ, ଦୀର୍ଘ ଦିନରୁ ବିଳମ୍ବିତ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏହାକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ଦେଇ ଯାଇଥିବା ହାଓଡ଼ା-ଚେନ୍ନାଇ ମୁଖ୍ୟ କରିଡରର ଚାଲିଥିବା ଚାରି-ଲେନ୍ କାର୍ଯ୍ୟ ଉପରେ ମଧ ଆଲୋକପାତ କରିଛନ୍ତି। ଯେ ନୂତନ ଲାଇନ ଏବଂ ପ୍ରମୁଖ କ୍ଷମତା ବୃଦ୍ଧି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ଓଡ଼ିଶା ଭବିଷ୍ୟତରେ ପ୍ରାୟ ୫୦୦ଟି ଅତିରିକ୍ତ ଟ୍ରେନ ଚଲାଇବାର କ୍ଷମତା ହାସଲ କରିବ ବୋଲି ସେ କହିଛନ୍ତି। ଶ୍ରୀ ବୈଷ୍ଣବ ଆହୁରି ସୂଚନା ଦେଇଛନ୍ତି ଯେ, ଅମୃତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର ୫୯ଟି ରେଳ ଷ୍ଟେସନର ପୁନଃବିକାଶ କରାଯାଉଛି, ଯେଉଁଥିରେ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ତାଳଚେର ଏବଂ ବାରିପଦା ଷ୍ଟେସନ ସାମିଲ ରହିଛି। ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଏକ ନୂତନ ଡିପିଆର ମଧ ପ୍ରସ୍ତୁତ କରାଯାଉଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଆଞ୍ଚଳିକ ବିକାଶ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ସେ ପୁନର୍ବାର ଦୋହରାଇଛନ୍ତି।

## ତରଭୁଜ ଖାଇ ନାବାଳକ ମୃତ ...

ପରିବାର ତରଭୁଜ ଖାଇଥିଲେ। ପରିବାର ଲୋକେ ତରଭୁଜ ଖାଇବା ପରେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ସେମାନଙ୍କର ବାନ୍ତି ଓ ପତଳା ଝାଡ଼ା ହୋଇଥିଲା। ପରିବାରର ୬ ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଅବସ୍ଥାରେ ବବ୍ରୁବାହନ ସେନାପତି ଓ ସ୍ୱାଧୀନ ସେନାପତିଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବଡ ଡାକ୍ତରଖାନାରେ ନାବାଳକ ସ୍ୱାଧୀନ(୧୨)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅପରାଧ ପାଇଁ ଚିନ୍ତା କରୁଥିଲେ ଏନକାଉଣ୍ଟର ...

ରୁଜୁ ହୋଇଛି। ଗୋଚାଲାଣ କ୍ଷେତ୍ରରେ ମଧ ୫ଟି ମାମଲା ରୁଜୁ କରାଯାଇଛି। ସଡ଼କ ସୁରକ୍ଷା କ୍ଷେତ୍ରରେ ମଧ୍ୟରେ ଅମାନିଆ ଡ୍ରାଇଭର ଓ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଗକୁ ଏହି ସ୍ପେଶାଲ ଡ୍ରାଇଭ ବଳବତ୍ତର ରହିବ ବୋଲି ଡିଜିପି ୱାଇବି ଖୁରାନିଆ କହିଛନ୍ତି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ସମ୍ବଲପୁର ବୁର୍ଲା ପ୍ଲାନେଟୋରିୟମ ଛକରେ ଗାଡି ଚେକିଂ ଚାଲିଥିଲା। ଏହି ସମୟରେ ଖସିଯିବାକୁ ଉଦ୍ୟମ କରିଥିଲା ଅପରାଧୀ ମନିଷ ସାହୁ। ଚକମା ଦେବାକୁ ସେ ପ୍ରଥମେ ପୁଲିସ ଉପରକୁ ୩ ରାଉଣ୍ଡ ଗୁଳି ଚାଳନା କରିଥିଲା। ଜବାବରେ ପୁଲିସ ପକ୍ଷରୁ ଦୁଇ ରାଉଣ୍ଡ ନିୟନ୍ତ୍ରିତ ଗୁଳିଚାଳନା କରାଯାଇଥିଲା। ଏଥିରେ ଅଭିଯୁକ୍ତଙ୍କ ଡାହାଣ ପାଦରେ ଗୁଳି ବାଜିଥିଲା। ଗୁରୁତର ଅବସ୍ଥାରେ ତାକୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଦ୍ଦାନ୍ତ ଅପରାଧୀ ମନୀଷ ସାହୁ ନାଁରେ ପୂର୍ବରୁ ଏକାଧିକ ଥାନାରେ ୧୪ରୁ ଅଧିକ ଅପରାଧିକ ମାମଲା ରହିଛି। ଏହି ଘଟଣାରେ ମନୀଷର ତିନିଜଣ ସହଯୋଗୀଙ୍କୁ ମଧ ଗିରଫ କରାଯାଇଛି। ଏମାନଙ୍କ ଠାରୁ ଗୋଟିଏ ପିସ୍ତଲ, ଅଫୁଟା ଗୁଳି, ଗୋଟିଏ କାର, ୫ଟି ମୋବାଇଲ ଫୋନ ଏବଂ ୧୦ଟି କାର୍ଟୁନ କୋରେକ୍ସ ଜବତ କରାଯାଇଛି। ସେପଟେ ବ୍ରହ୍ମପୁରରେ ଗତକାଲି ଦୁର୍ଦ୍ଦାନ୍ତ ଅପରାଧୀ ଦୀପୁନା ନାୟକଙ୍କୁ ଏନକାଉଣ୍ଟର କରିଛି ପୁଲିସ। ପୁଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଦୀର୍ଘଦିନ ଧରି ରହିଥିଲା ଦୀପୁନା। ତେବେ ଦୀପୁନା ପୁଲିସକୁ ଚକମା ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଏନକାଉଣ୍ଟର କରିଛି। ଦୀପୁନାଙ୍କ ଆହତ ଅବସ୍ଥାରେ ଏମକେସିଜିରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅନେକ ହତ୍ୟା ମାମଲରେ ଦୀପୁନା ସମ୍ପୃକ୍ତ ରହିଛି ବୋଲି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି।

# ଚୌଦ୍ୱାରରେ କିନ୍ନରମାନଙ୍କ ସାବିତ୍ରୀ ବ୍ରତ

**ଚୌଦ୍ୱାର(ଏନ୍.ଏମ୍.):** ପବିତ୍ର ସାବିତ୍ରୀ ବ୍ରତ। ଏହି ପରିପ୍ରେକ୍ଷୀରେ ହିନ୍ଦୁ ସଧବାମାନେ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏଥିପାଇଁ ସ୍ଥାନୀୟ ମନ୍ଦିର ତଥା ଦେବାଳୟରେ ନାହିଁ ନଥିବା ଭିଡ ଦେଖିବାକୁ ମିଳିଥିଲା। ଏହି ଓଷା କରୁଥିବା ସକାଳୁ ନବ ବସ୍ତ୍ର ପରିଧାନ କରି ବିଭିନ୍ନ ଫଳମୂଳ ସହ ହାତରେ ଶଙ୍ଖା ଓ ସିନ୍ଦୂର ନେଇ ବଡ଼ ନିଷ୍ଠାର ସହ ଠାକୁରଙ୍କ ପୂଜାର୍ଚ୍ଚନା କରିବା ସହ ସତ୍ୟବାନଙ୍କ ଭଳି ସ୍ୱାମୀଙ୍କ ଦୀର୍ଘ ତଥା ନିରୋଗ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ପୁରାଣ କଥାବସ୍ତୁ ଅନୁଯାୟୀ ଏକଦା ସାବିତ୍ରୀ ନିଜ ସ୍ୱାମୀଙ୍କ ଜୀବନକୁ ଜମଙ୍କ ଠାରୁ ଛଡ଼ାଇ ଆଣିଥିଲେ। ଆଉ ଜମଦେବତାଙ୍କ ଆର୍ଶିବାଦ କ୍ରମେ ଏହି ଓଷା କଲେ ସ୍ୱାମୀଙ୍କ ମଙ୍ଗଳ ହୁଏ ବୋଲି ବିଶ୍ୱାସ ରହିଛି। ତେବେ ଏହି ଓଷା କେବଳ ସଧବା ମହିଳାମାନେ କରିନାହାନ୍ତି; କିନ୍ନରମାନେ ମଧ ବଡ଼ ନିଷ୍ଠାର ସହ ପାଳନ କରୁଥିବା ଦେଖିବାକୁ ମିଳିଛି।

# ବାରବାଟୀ-କଟକ ଖବର

## ତିନିକୋଣିଆ ବଗିଚା ଶ୍ରୀ ତ୍ରିନାଥ ମନ୍ଦିରର ପୁନଃରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ

**କଟକ(ଏନ୍.ଏମ୍.):** କଟକ ସହରର ଅନ୍ୟତମ ପବିତ୍ର ଧର୍ମାନୁଷ୍ଠାନ ତିନିକୋଣିଆ ବଗିଚା ସ୍ଥିତ ଶ୍ରୀ ତ୍ରିନାଥ ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଆଜି ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆମ ଅଞ୍ଚଳର ଆଧାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଐତିହ୍ୟର ସୁରକ୍ଷା ପାଇଁ ବିଧାୟିକା ସୋଫିଆ ଫିର୍ଦୌସଙ୍କ ଉନ୍ନୟନ ପାଣ୍ଠି ସହାୟତାରେ ଏହି ମନ୍ଦିରର ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ। ଏହି ନୂତନ ପ୍ରକଳ୍ପ ଦ୍ୱାରା ମନ୍ଦିର ବେଢ଼ାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁରୁଖୁରୁରେ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇପାରିବ। ଏହି ଅବସରରେ ବିଧାୟିକା କହିଛନ୍ତି ଯେ ଜନସାଧାରଣଙ୍କ ସେବା ଓ ଭକ୍ତଙ୍କ ସୁବିଧା ପାଇଁ ସେ ସର୍ବଦା ଚେଷ୍ଟା ଜାରି ରଖିଛନ୍ତି। ଖୁବ୍ ଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଏକ ନୂତନ ରୂପରେ ମନ୍ଦିରଟି ଉଦଘାଟିତ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିବା ସହ ମନ୍ଦିରର ପୁରାତନ ଗୌରବକୁ ବଜାୟ ରଖିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ମନ୍ଦିର କମିଟିର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ରହି ଏହି ଉନ୍ନୟନମୂଳକ କାର୍ଯ୍ୟକୁ ସ୍ୱାଗତ କରିଥିଲେ।

## ପେଟାନାଳ ସଫେଇ କାର୍ଯ୍ୟର ତଦାରଖ କଲେ ବିଧାୟିକା



**କଟକ (ଏନ୍.ଏମ୍.):** ବିଧାୟିକା ସୋଫିଆ ଫିରଦୋସ ଆଜି ପେଟାନାଳ ଗ୍ରାଉଣ୍ଡ ଜିରୋ ପରିଦର୍ଶନ କରି ସେଠାରେ ଚାଲିଥିବା ସଫେଇ କାର୍ଯ୍ୟର ଅନୁଧାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ୱାଟକୋ ଡ୍ରେନେଜ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପେଟାନାଳ ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଯଥାଶୀଘ୍ର ବାକି ଥିବା ସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି। ସିଡିଏ ଏବଂ ବିଡାନାସୀ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଏକ ନୂତନ ଜୀବନଧାରା ସଦୃଶ ହେବ। ଏହା ଦ୍ୱାରା ଅଞ୍ଚଳର ପରିବେଶରେ ଉନ୍ନତି ଆସିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂତନ ସୁଯୋଗ ମଧ ସୃଷ୍ଟି ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ନିତ୍ୟାନନ୍ଦ ରାଉତରାୟ, ଜିତେନ୍ଦ୍ର ନାୟକ, ସତ୍ୟଶ୍ରୀ ବେହେରା, ଦିଲ୍ଲୀପ ମହାନ୍ତି, ସୁରଜିତ ସାହୁ, ଶୋନୁ ସ୍ୱାଇଁ, ସେକ ବାବାଯାନୀ, ଅନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୱାର୍ଡ ନମ୍ବର-୩୨ରେ ବିଧାୟୀକା ସୋଫିଆଙ୍କ ଜନ ସମ୍ପର୍କ ପଦଯାତ୍ରା




**କଟକ (ଏନ୍.ଏମ୍.):** କଟକ ମହାନଗର ନିଗମ ଅନ୍ତର୍ଗତ ୩୨ ନମ୍ବର ୱାର୍ଡରେ ବାରବାଟୀ-କଟକ ବିଧାୟୀକା ସୋଫିଆ ଫିର୍ଦୋଷ ଜନସମ୍ପର୍କ ପଦଯାତ୍ରା କରିଛନ୍ତି। ୱାର୍ଡ ଅଞ୍ଚଳର ରାଣୀହାଟ, ଗୋପାଳ ସାହି, ତଳ ଗୋପାଳ ସାହି, ମାଳି ସାହି ଓ ଶିକାରୀ ସାହି ଭଳି ଅଞ୍ଚଳ ଗୁଡ଼ିକ ପରିଦର୍ଶନ କରିଥିଲେ। ୱାର୍ଡର ବିଭିନ୍ନ ଅଞ୍ଚଳର ସାହି ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ୱାର୍ଡର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପଦଯାତ୍ରା ସମୟରେ ଅଞ୍ଚଳବାସୀ ବିଧାୟୀକାଙ୍କ ନିକଟରେ ନିଜ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକ ରଖିଥିଲେ। ୱାର୍ଡ ରାସ୍ତାଘାଟର ଅବସ୍ଥା, ଅସନ୍ତୋଷଜନକ ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ବିଷୟରେ ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ସମସ୍ୟାଗୁଡ଼ିକୁ ବେଶ୍ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟୀକା ଶ୍ରୀମତୀ ଫିର୍ଦୋଷ ତୁରନ୍ତ ଏହାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, କଟକ ସହରର ବିକାଶ ତାଙ୍କର ପ୍ରାଥମିକତା ଏବଂ ପ୍ରତ୍ୟେକ ୱାର୍ଡର ସମସ୍ୟାକୁ ଦୂର କରିବା ପାଇଁ ସେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ୱାର୍ଡର ଉନ୍ନତି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାରେ କୌଣସି ଅବହେଳା କରାଯିବ ନାହିଁ ବୋଲି ସେ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଥିଲେ। ପୂର୍ବରୁ ୱାର୍ଡ ନମ୍ବର – ୩୩ ଅଞ୍ଚଳରୁ ଜନସଂପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ସ୍ନେହଲତା ଚୌଧୁରୀ, କର୍ପୋରେଟର ଲିଜାରାଣୀ ରାଉତ, ଚନ୍ଦ୍ର ଶେଖର ନାଟିଆ, ବରିଷ୍ଠ ନେତା ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ଶେଠୀ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଅବଦୁଲ ନସିମ, ସେକ ଫରୁ, ଶୁଭ୍ରଜିତ ଦାସ, ମଣ୍ଟୁ ବେହେରା, ସୁରଜିତ ସାହୁ, ସନ୍ତୋଷ ପାତ୍ରଙ୍କ ସମେତ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଦଳୀୟ କର୍ମୀ, କର୍ମକର୍ତ୍ତା ଏବଂ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ମିଳିଲାନି ଡିଜେଲ, ବିଦ୍ୟୁତ ଅଭାବରୁ ଚାଲିଗଲା ୫ ହଜାର ୩ ଶହ କୁକୁଡ଼ାର ଜୀବନ



**ମାଲକାନଗିରି (ଏନ୍.ଏମ୍.):** ମିଳିଲାନି ଡିଜେଲ। ଫଳରେ ବିଦ୍ୟୁତ ଅଭାବରୁ ୫ ହଜାର ୩ ଶହ କୁକୁଡ଼ାର ଚାଲିଗଲା ଜୀବନ। ମାଲକାନଗିରି ଜିଲ୍ଲାରେ ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତ କିଛିଦିନ ଧରି ମାଲକାନଗିରି ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲର ଅଭାବ ଦେଖା ଦେଇଛି। ଗ୍ରାହକମାନେ ପେଟ୍ରୋଲ ଓ ଡିଜେଲ ପାଇଁ ଲମ୍ବା ଲାଇନରେ ଛିଡା ହେଉଛନ୍ତି ହେଲେ ମୋଟର ସାଇକେଲକୁ ୨ ଶହ ଟଙ୍କାର ଓ କାରକୁ ୫୦୦ ଟଙ୍କାର ତେଲ ମିଳୁଥିବା ବେଳେ ବେରେଲରେ ତେଲ ମିଳୁ ନାହିଁ। ଡିଜେଲର ଅଭାବ ସାଙ୍ଗକୁ ବିଦ୍ୟୁତ ସଂଯୋଗ ନଥିବାରୁ ପାଞ୍ଚ ହଜାର ୩ ଶହ କୁକୁଡ଼ାର ମୃତ୍ୟୁ ହୋଇଛି। କୁକୁଡ଼ା ଫାର୍ମ ନିକଟରେ ଥିବା ଟ୍ରାନ୍ସଫର୍ମରରେ ଟ୍ରିପ ନେବା ଯୋଗୁଁ ଲାଇନ୍ କଟିଯାଇଥିଲା ଓ ଡିଜେଲର ଅଭାବ ଯୋଗୁଁ ଡିଜି ବି ଚାଲି ନଥିଲା ଯାହା ଫଳରେ ୫୩୦୦ କୁକୁଡ଼ା ମରିଯାଇଛନ୍ତି। ମଲା କୁକୁଡ଼ାଙ୍କ ମୋଟ ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ କୌଣସି କ୍ଷତିପୁରଣ ନପାଇ ମାଲିକ ଏବେ ଚିନ୍ତାରେ।

## ଜୁନ୍ ୭ରେ ଓସିଏସ୍ ପ୍ରିଲିମ୍‌ନାରୀ ଦୁଇଟି ସିଟିଂରେ ପରୀକ୍ଷା ଦେବେ ଆଶାୟୀ

**କଟକ (ଏନ୍.ଏମ୍.):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍)-୨୦୨୬ର ପ୍ରାଥମିକ (ପ୍ରିଲିମ୍ନାରୀ) ପରୀକ୍ଷା ଆସନ୍ତା ଜୁନ୍ ୭ତାରିଖରେ ଅନୁଷ୍ଠିତ ହେବ। ଦୁଇଟି ପର୍ଯ୍ୟାୟରେ (ସିଟିଂ)ରେ ପ୍ରାର୍ଥୀମାନେ ପରୀକ୍ଷା ଦେବେ। ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ପ୍ରଥମ ସିଟିଂରେ ଜେନେରାଲ୍ ଷ୍ଟଡିଜ ପେପର-୧ ଓ ଅପରାହ୍ନ ସାଢ଼େ ୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ ପେପର ୨ ପରୀକ୍ଷା ହେବ। ପେପର-୧ ଶହେ ପ୍ରଶ୍ନ ବିଶିଷ୍ଟ ହୋଇଥିବାବେଳେ ପେପର- ୨ରେ ୮୦ଟି ପ୍ରଶ୍ନ ରହିଛି। ରାଜ୍ୟର ୬ଟି ଜୋନ ଯଥା କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଜୟପୁର ଏବଂ ସମ୍ବଲପୁରରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯିବ। ପ୍ରାର୍ଥୀମାନେ ଆସନ୍ତା ୩୦ ତାରିଖରୁ ଆଡମିଟ୍ କାର୍ଡ ପାଇପାରିବେ ବୋଲି ଓପିଏସ୍ସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।




### ଏସ୍‌ସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ସମ୍ମିଳନୀ

## ସଂଘର ନୂତନ କାର୍ଯ୍ୟାଳୟ ପାଇଁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦିଆଯିବ : ଡଃ ପ୍ରଭାତ




**କଟକ(ଏନ୍.ଏମ୍.):** ରାଜ୍ୟର ସର୍ବବୃହତ ଏସସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘର ଏକ କର୍ମଚାରୀ ସମ୍ମିଳନୀ ଏସସିବି ମେଡିକାଲ ପରିସରରେ ରାଜ୍ୟ ସଙ୍ଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ମିଳନୀରେ ରାଜ୍ୟ ସଙ୍ଘର ମୁଖ୍ୟ ଉପଦେଷ୍ଟା ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟରୁ ଆସୁଥିବା ହଜାର ହଜାର ସଂଖ୍ୟାରେ ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଏହି କର୍ମଚାରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ଆଗାମୀ ଦିନରେ କର୍ମଚାରୀମାନଙ୍କୁ ସରକାରୀ ବାସଗୃହ ଖୁବଶୀଘ୍ର ସରକାର ମେଡିକାଲ ପରିସରରେ ଯୋଗାଇ ଦେବା ସହ ସଂଘର ନୂତନ କାର୍ଯ୍ୟାଳୟ ପାଇଁ ବିଧାୟକଙ୍କ ପାଣ୍ଠିରୁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଉପଦେଷ୍ଟା ଡଃ ବିଶ୍ୱାଳ କହିଥିଲେ। ଏଥିସହିତ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଙ୍ଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏସସିବି ସଙ୍ଘର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ସଂଘର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ସମସ୍ତ କର୍ମଚାରୀଙ୍କ ସର୍ବସମ୍ମତି କ୍ରମେ ପୁନର୍ବାର ରାମଚନ୍ଦ୍ର ପ୍ରଧାନଙ୍କୁ ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ଏସସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘର ସମ୍ପାଦକ ଭାବେ ମନୋନୀତ କରାଗଲା ବୋଲି ମୁଖ୍ୟ ଉପଦେଷ୍ଟା ଡଃ ବିଶ୍ୱାଳ ଘୋଷଣା କରିଥିଲେ। ଏଥିସହିତ ସଭାପତି ଭାବେ ପୂର୍ଣ୍ଣ ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ଦେହୁରୀ, ଯୁଗ୍ମ ସମ୍ପାଦିକା ଯଜ୍ଞ ଦେଇ, କୋଷାଧ୍ୟକ୍ଷ ଭାବେ ଚନ୍ଦନ ପ୍ରଧାନଙ୍କୁ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ହୃଷିକେଶ ସାହୁ, ଯଯାତି କିଶୋର ସ୍ୱାଇଁ, ସୁବାଷ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ଜୟଦେବ ଦାସ, ଧନେଶ୍ୱର ବାରିକ, ବସନ୍ତ ବାରିକ, ମାଧବ ଚନ୍ଦ୍ର ସାହୁ, ରଞ୍ଜନ ନାଏକ, ନୃସିଂହ ମାହାରଣ, ଅନୁପମା ସାହୁ, ଶକୁନ୍ତଳା ଭୋଇଙ୍କୁ ଆଗାମୀ ୨ବର୍ଷ ପାଇଁ ମନୋନୀତ କରାଯାଇଥିଲା। ଶେଷରେ ଚନ୍ଦନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ବାଂଲାଦେଶଠାରୁ ପାକିସ୍ତାନ ପରାସ୍ତ

**ମୁମ୍ବାଇ(ଏଜେନ୍ସି) :** ଟେଷ୍ଟ କ୍ରିକେଟରେ ଇତିହାସ ରଚିଛି ବାଂଲାଦେଶ । ଘରୋଇ ମାଟିରେ ବାଂଲାଦେଶ ୧୦୪ ରନରେ ପାକିସ୍ତାନକୁ ପ୍ରଥମ ଟେଷ୍ଟରେ ହରାଇ ଦେଇଛି । ବାଂଲାଦେଶ ମ୍ୟାଚ ଜିତିବାକୁ ୨୬୮ରନର ଟାର୍ଗେଟ ଦେଇଥିବା ବେଳେ ପାକିସ୍ତାନକୁ ୧୬୩ରନରେ ଅଲଆଉଟ କରି ଚମକପ୍ରଦ ବିଜୟ ପାଇଛି । ଏହି ବିଜୟ ସହ ବାଂଲାଦେଶ ନୂଆ ରେକର୍ଡର ଅଧିକାରୀ ହୋଇଛି । ଘରୋଇ ମାଟିରେ ବାଂଲାଦେଶ ପ୍ରଥମଥର ପାଇଁ ପାକିସ୍ତାନକୁ କୌଣସି ଟେଷ୍ଟ ମ୍ୟାଚ୍‌ରେ ହରାଇବାକୁ ସକ୍ଷମ ହୋଇଛି । ବିଜୟ ହାସଲ କରି ବାଂଲାଦେଶ ଦୁଇ ଟିକିଆ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ମଧ୍ୟ ହୋଇ ଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାକିସ୍ତାନ କ୍ରମାଗତ ୩ଟି ଟେଷ୍ଟ ବାଂଲାଦେଶ ଠାରୁ ହାରିବାର ଲଜ୍ଜାଜନକ ରେଡର୍କ ମୁଣ୍ଡାଇଛି । ୨୦୨୪ରେ ବାଂଲାଦେଶ ୨ଟିକିଆ ଟେଷ୍ଟ ଖେଳିବାକୁ ପାକିସ୍ତାନ ଗସ୍ତ କରିଥିଲା । ସେଠାରେ ବାଂଲାଦେଶ ୨-୦ରେ ମ୍ୟାଚ ଜିତିଥିଲା । ଏବେ ପାକିସ୍ତାନ ଟିମ ବାଂଲାଦେଶ ଗସ୍ତରେ ଆସିଥିଲେ ହେଁ ପ୍ରଥମେ ଟେଷ୍ଟରେ ପରାସ୍ତ ହୋଇଛି । ପାକିସ୍ତାନ ଦ୍ୱିତୀୟ ଦଳ ଭାବେ ବାଂଲାଦେଶ ଠାରୁ କ୍ରମାଗତ ୩ଟି ଟେଷ୍ଟ ହାରିଛି । ଏପରି ଲଜ୍ଜା ପୂର୍ବରୁ ଏକମାତ୍ର ଦଳ ଭାବେ ଜିମ୍ବାୱେ ସାମ୍ନା କରିଥିଲା । ବାଂଲାଦେଶର ଦ୍ୱିତୀୟ ଇନିଂସରେ କମାଲ କରିଛନ୍ତି ଦ୍ରୁତ ବୋଲର ନାହିଦ ରାଣା । ସେ ୪୦ ରନରେ ପାକିସ୍ତାନର ୫ ବ୍ୟାଟରଙ୍କୁ ଆଉଟ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପ୍ରକୃତରେ ପାକିସ୍ତାନ ମ୍ୟାଚ ଉପରେ ନିଜର ନିୟନ୍ତ୍ରଣ ରଖିଥିଲା । ଦଳ ଏକଦା ୩ ୱିକେଟ ହରାଇ ୧୧୯ ରନ କରି ନେଇଥିଲା । କିନ୍ତୁ ନାହିଦ ୫ ୱିକେଟ ନେଇ ସବୁ କିଛି ଓଲଟ ପାଲଟ କରି ଦେଇଥିଲେ । ଟସ୍ ଜିତି ପ୍ରଥମେ ବୋଲିଂ କରୁଥିବା ପାକିସ୍ତାନ ପ୍ରଥମ ଇନିଂସରେ ୪୧୩ ରନ ଖର୍ଚ୍ଚ କରିଥିଲା । ବାଂଲାଦେଶ ପାଇଁ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ୧୦୧, ମୋମିନୁଲ ହକ ୯୧, ମୁସଫିକର ରହିମ ୭୧ ଓ ଲିଟନ ଦାସ ୩୩ ରନର ଇନିଂସ ଖେଳିଥିଲେ । ପାକିସ୍ତାନର ମହମ୍ମଦ ଆବାସ ୫ଟି ୱିକେଟ ଦଖଲ କରିଥିଲେ । ଏହାର ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ଆଜନ ଅୱାଇସଙ୍କ ୧୦୩, ଅବଦୁଲ୍ଲା ଫଜଲଙ୍କ ୬୦, ସଲମାନ ଆଘାଙ୍କ ୫୮ ଓ ମହମ୍ମଦ ରିଜୱାନଙ୍କ ୫୯ ରନ ବଳରେ ୩୮୬ ରନ କରିପାରିଥିଲା । ବାଂଲାଦେଶ ପାଇଁ ମାହେଦି ହାସନ ମିରାଜ ୫ ୱିକେଟ ସଫଳତା ପାଇଥିଲେ । ଦ୍ୱିତୀୟ ଇନିଂସରେ ବାଂଲାଦେଶ ୯ ୱିକେଟ ହରାଇ ୨୪୦ ରନ କରିବା ପରେ ପାଳି ଘୋଷଣା କରିଥିଲା । ଫଳରେ ପାକିସ୍ତାନକୁ ମିଳିଥିଲା ୨୬୮ ରନର ଟାର୍ଗେଟ । କିନ୍ତୁ ପାକିସ୍ତାନ କେବଳ ୧୬୩ ରନ ହିଁ କରିପାରିଥିଲା । ପ୍ରଥମ ଇନିଂସରେ ଶତକ ପାଇଁ ସାଣ୍ଟୋଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମିଳିଛି ।

# ଜୋରାଭର ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଦଳରୁ ବାଦ୍



**ମୁମ୍ବାଇ (ଏଜେନ୍ସି) :** ଏସିଆରେ ନମ୍ବର ଏକ ଏବଂ ବିଶ୍ୱ ମାନ୍ୟତାରେ ଷଷ୍ଠ ସ୍ଥାନରେ ଥିବା ଟ୍ରାପ୍ ସୁଟର ଜୋରାଭର ସିଂହ ସନ୍ଧୁଙ୍କୁ ଏହି ବର୍ଷ ଶେଷରେ ହେବାକୁ ଥିବା ଏସୀୟ କ୍ରୀଡ଼ା ପାଇଁ ଭାରତର ସମ୍ଭାବ୍ୟ ଶଟଗନ୍ ଦଳରେ ସାମିଲ କରାଯାଇ ନାହିଁ । ସେ ଦେଶର ଜଣେ ଶୀର୍ଷ ସ୍ତରୀୟ ଟ୍ରାପ୍ ସୁଟର ହୋଇଥିବା ସତ୍ତ୍ୱେ ଏବଂ ଗତ ବର୍ଷ ବିଶ୍ୱ ଚାମ୍ପିଅନଶିପରେ କାଂସ୍ୟ ପଦକ ଜିତିଥିଲେ ମଧ୍ୟ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି । ଜାତୀୟ ଚାମ୍ପିଅନଶିପ୍ ଏବଂ ଘରୋଇ ଚୟନ ଟ୍ରାଏଲ୍ ସମୟରେ ଜୋରାଭରଙ୍କ ପ୍ରଦର୍ଶନ ଭଲ ରହିନଥିଲା । ବିଶ୍ୱ ଚାମ୍ପିଅନଶିପ୍ ଏବଂ ବିଶ୍ୱକପ୍ ଫାଇନାଲ୍ସ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଥିଲେ ମଧ୍ୟ ତାଙ୍କ ପାଇଁ ଏହି ପ୍ରତିଯୋଗିତାଗୁଡ଼ିକରେ ଭାଗ ନେବା ଅନିର୍ବାର୍ଯ୍ୟ ଥିଲା । ଜାତୀୟ ଟ୍ରାଏଲ୍ସରେ ନିରାଶାଜନକ ପ୍ରଦର୍ଶନ କାରଣରୁ ତାଙ୍କୁ ଏସୀୟ କ୍ରୀଡ଼ା ପାଇଁ ସମ୍ଭାବ୍ୟ ଦଳରେ ସ୍ଥାନ ମିଳିନାହିଁ । ସେ ଏକ ମାସ ପୂର୍ବ ପର୍ଯ୍ୟନ୍ତ ବିଶ୍ୱ ମାନ୍ୟତାର ଚତୁର୍ଥ ସ୍ଥାନରେ ଥିଲେ । ଜୋରାଭର ଭାରତୀୟ ଜାତୀୟ ରାଇଫଲ୍ ସଂଘକୁ ନିଜ ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି । ସେ ଯୁକ୍ତି ବାଢ଼ିଛନ୍ତି ଯେ ଗତ ଛଅ ମାସ ମଧ୍ୟରେ ଭାରତୀୟ ଟ୍ରାପ୍ ସୁଟରଙ୍କ ମଧ୍ୟରେ ସେ ଆନ୍ତର୍ଜାତୀୟ ସ୍ତରରେ ସର୍ବଶ୍ରେଷ୍ଠ ସ୍କୋର ହାସଲ କରିଛନ୍ତି । ତେବେ ଏନ୍‌ଆର୍‌ଏଆଇ ସ୍ପଷ୍ଟ କରିଛି ଯେ ସଂଘ 'ଦେଢ଼ ବର୍ଷ ପୂର୍ବରୁ ଲାଗୁ କରାଯାଇଥିବା ଚୟନ ନୀତିକୁ କଡ଼ାକଡ଼ି ଭାବେ ପାଳନ କରିବ' । ଭାରତୀୟ ଜାତୀୟ ରାଇଫଲ୍ ସଂଘର ସାଧାରଣ ସମ୍ପାଦକ ପୱନ କୁମାର ସିଂହ କହିଛନ୍ତି ଯେ ପୁରୁଷ ସମ୍ଭାବ୍ୟ ଟ୍ରାପ୍ ଦଳରେ ପରିବର୍ତ୍ତନ ହେବାର କୌଣସି ସମ୍ଭାବନା ନାହିଁ । ଏହି ଦଳରେ କାଇନନ ଚେନାଇ, ଅହବର ରିଜଭି ଏବଂ ଶପଥ ଭାରଦ୍ୱାଜ ସାମିଲ ଅଛନ୍ତି, ଯେଉଁମାନେ ୧୯ ସେପ୍ଟେମ୍ବରରୁ ୪ ଅକ୍ଟୋବର ପର୍ଯ୍ୟନ୍ତ ଆଇଚି-ନାଗୋୟାରେ ହେବାକୁ ଥିବା ଏସୀୟ କ୍ରୀଡ଼ାରେ ଭାଗ ନେବେ ।

## ନୀରଜ ଚୋପ୍ରାଙ୍କ ପ୍ରତ୍ୟାବର୍ତ୍ତନରେ ବିଳମ୍ବ

# ସଚିନ ଯାଦବ ରୋମ୍ ଡାଇମଣ୍ଡ ଲିଗ୍‌ରେ କରିବେ ଡେବ୍ୟୁ




**ରୋମ(ଏଜେନ୍ସି) :** ଭାରତୀୟ ଭାଲା ଫିଙ୍ଗା (ଜାଭେଲିନ୍ ଥ୍ରୋ) ଖେଳାଳି ସଚିନ ଯାଦବ ଜୁନ୍ ୪ତାରିଖରେ ପ୍ରତିଷ୍ଠିତ ଆଥଲେଟିକ୍ସ ସିରିଜ୍‌ର ରୋମ୍ ପର୍ଯ୍ୟାୟରେ ଡାଇମଣ୍ଡ ଲିଗ୍‌ରେ ନିଜର ପଦାର୍ପଣ (ଡେବ୍ୟୁ) କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ବିଶେଷ କଥା ହେଉଛି ଯେ ଏହି ମିଟ୍‌ର ଏଣ୍ଟ୍ରି ଲିଷ୍ଟରେ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କ ନାମ ସାମିଲ ନାହିଁ । ନୀରଜ ଚୋପ୍ରା, ଯିଏ ବର୍ତ୍ତମାନ ତୁର୍କୀରେ ତାଲିମ ଏବଂ ରିହାବିଲିଟେସନ୍ (ଆଘାତରୁ ସୁସ୍ଥ ହେବା ପାଇଁ ଚିକିତ୍ସା) କରୁଛନ୍ତି, ସେ ଏପର୍ଯ୍ୟନ୍ତ ନିଜର ୨୦୨୬ ଆଥଲେଟିକ୍ସ ସିଜନ ଆରମ୍ଭ କରିନାହାନ୍ତି । ତାଙ୍କୁ ଶେଷଥର ପାଇଁ ସେପ୍ଟେମ୍ବର ମାସରେ ଟୋକିଓରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଦେଖିବାକୁ ମିଳିଥିଲା, ଯେଉଁଠାରେ ସେ ପିଠିରେ ଆଘାତ ସତ୍ତ୍ୱେ ମୁକାବିଲା କରିଥିଲେ ଏବଂ ନିରାଶାଜନକ ଭାବେ ଅଷ୍ଟମ ସ୍ଥାନରେ ରହିଥିଲେ ।

ନୀରଜଙ୍କ ଅନୁପସ୍ଥିତିରେ, ରୋମ୍‌ରେ ସମସ୍ତଙ୍କ ନଜର ସଚିନ ଯାଦବଙ୍କ ଉପରେ ରହିବ, ଯାହାଙ୍କୁ ପୁରୁଷ ଭାଲା ଫିଙ୍ଗା ପ୍ରତିଯୋଗିତା ପାଇଁ ଆଠ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସାମିଲ କରାଯାଇଛି । ୨୬ ବର୍ଷୀୟ ସଚିନ ଗତ ବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ନିଜର ଶାନଦାର ପ୍ରଦର୍ଶନ ପରେ ପ୍ରଥମ ଥର ପାଇଁ କୌଣସି ଆନ୍ତର୍ଜାତୀୟ ଇଭେଣ୍ଟରେ ଭାଗ ନେବେ । ସେ ଫାଇନାଲରେ ୮୬.୨୭ ମିଟରର ନିଜର ସର୍ବଶ୍ରେଷ୍ଠ ଥ୍ରୋ ସହ ଚତୁର୍ଥ ସ୍ଥାନରେ ରହିଥିଲେ ଏବଂ ଅଳ୍ପକେ ପଦକ ଜିତିବାରୁ ବଞ୍ଚି ଯାଇଥିଲେ । ସେ ଗତ ବର୍ଷ ଏସୀୟ ଚାମ୍ପିୟନଶିପ୍‌ରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ ।

ରୋମ୍ ୨୦୨୬ ଡାଇମଣ୍ଡ ଲିଗ୍‌ରେ ସଚିନଙ୍କ ମୁକାବିଲା ଅନେକ ଦିଗ୍‌ଗଜ ଖେଳାଳିଙ୍କ ସହ ହେବ, ଯେଉଁଥିରେ ଗ୍ରେନାଡାର ପୂର୍ବତନ ବିଶ୍ୱ ଚାମ୍ପିୟନ ଆଣ୍ଡରସନ ପିଟର୍ସ, ଜର୍ମାନୀର ଜୁଲିଆନ ୱେବର, ରିଓ ୨୦୧୬ ର ଚାମ୍ପିୟନ ଜର୍ମାନୀର ଥୋମାସ୍ ରୋହଲର ଏବଂ ଟୋକିଓ ୨୦୨୦ର ରୌପ୍ୟ ପଦକ ବିଜେତା ଚେକିଆର ଯାକୁବ ୱାଡଲେଜ୍ ସାମିଲ ଅଛନ୍ତି । ଆମେରିକାର କର୍ଟିସ ଥମ୍ପସନ, ପୋଲାଣ୍ଡର ଡେଭିଡ ୱେଗନର ଏବଂ ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପଥିରଗେ - ଯିଏ ଏହି ସମୟରେ ବିଶ୍ୱର ଶୀର୍ଷ ଖେଳାଳି ଅଟନ୍ତି- ମଧ୍ୟ ଏହି ମୁକାବିଲାରେ ସାମିଲ ହେବେ ।

ସଚିନ ଯାଦବ ଏପ୍ରିଲ ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆନ ଆଥଲେଟିକ୍ସ ସିରିଜ୍ ମିଟ୍ ସହିତ ଘରୋଇ ସର୍କିଟ୍‌ରେ ନିଜର ୨୦୨୬ ସିଜନ ପୂର୍ବରୁ ହିଁ ଆରମ୍ଭ କରିସାରିଛନ୍ତି, ଯେଉଁଠାରେ ସେ ୮୧.୯୫ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଯଦିଓ ପୁରୁଷ ଭାଲା ଫିଙ୍ଗା ଇଭେଣ୍ଟ ମଧ୍ୟ ୩୧ ମେ'ରେ ମରୋକ୍କୋରେ ହେବାକୁ ଥିବା ରବାତ ଡାଇମଣ୍ଡ ଲିଗ୍‌ର ଅଂଶ ହେବ, କିନ୍ତୁ ମରୋକ୍କୋରେ ହେବାକୁ ଥିବା ଏହି ମିଟ୍ ପାଇଁ ଏଣ୍ଟ୍ରି ଲିଷ୍ଟ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ ।

ଅନ୍ୟପଟେ, ଭାରତର ପାରୁଲ ଚୌଧୁରୀ, ଯାହାଙ୍କ ନାମରେ ମହିଳାମାନଙ୍କ ୩୦୦୦ ମିଟର, ୫୦୦୦ ମିଟର ଏବଂ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଜାତୀୟ ରେକର୍ଡ ରହିଛି, ସେ ୧୬ ମେ' ରେ ସାଙ୍ଘାଇ ଡାଇମଣ୍ଡ ଲିଗ୍ ୨୦୨୬ ରେ ଷ୍ଟିପଲଚେଜ୍ ଦୌଡ଼ରେ ଭାଗ ନେବା ପାଇଁ ପ୍ରସ୍ତୁତ ଅଛନ୍ତି । ଏହି ଭାରତୀୟ ଆଥଲେଟ୍ ନିଜର ତୃତୀୟ ଡାଇମଣ୍ଡ ଲିଗ୍ ମିଟ୍‌ରେ ଅଂଶଗ୍ରହଣ କରିବେ । ପାରୁଲ, ଯିଏ ବର୍ତ୍ତମାନର ଏସୀୟ କ୍ରୀଡ଼ାର ୫୦୦୦ ମିଟର ଚାମ୍ପିୟନ ଅଟନ୍ତି, ସେ ୨୦୨୪ ରେ ୟୁଜିନ୍ ?ରେ ୧୬ତମ ସ୍ଥାନରେ ରହିଥିଲେ ଏବଂ ଗତ ବର୍ଷ ଦୋହାରେ ଷଷ୍ଠ ସ୍ଥାନରେ ଆସିଥିଲେ । ସାଙ୍ଘାଇରେ ତାଙ୍କର ମୁକାବିଲା କେନିୟାର ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଫେଥ ଚେରୋଟିଚ୍, କାଜାକିସ୍ତାନର ପୂର୍ବତନ ବିଶ୍ୱ ଚାମ୍ପିୟନ ନୋରାହ ଜେରୁତୋ ଏବଂ ୟୁଗାଣ୍ଡାର ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ପେରୁଥ ଚେମୁତାଇଙ୍କ ସହ ହେବ । ସାଙ୍ଘାଇ ମିଟ୍ ସହିତ ହିଁ ୨୦୨୬ ଡାଇମଣ୍ଡ ଲିଗ୍ ସିଜନ ଆରମ୍ଭ ହୋଇଯିବ, କାରଣ ଦୋହା ଲେଗ୍ - ଯାହାକୁ ମୂଳତଃ ଓପନର ଭାବେ ରଖାଯାଇଥିଲା - ତାକୁ ୮ ମେ' ରୁ ବଦଳାଇ ୧୯ ଜୁନ୍ କରିଦିଆଯାଇଛି । ସଚିନ ଏବଂ ପାରୁଲ ଉଭୟ ଆଗାମୀ ଡାଇମଣ୍ଡ ଲିଗ୍ ମିଟ୍ ଏବଂ ସାରା ବିଶ୍ୱର ଶୀର୍ଷ ଆଥଲେଟ୍‌ମାନଙ୍କ ସହ ହେବାକୁ ଥିବା ପ୍ରତିଯୋଗିତାର ଲାଭ ଉଠାଇ, ଆଗାମୀ ବ୍ୟସ୍ତ ସିଜନ ପାଇଁ ନିଜର ଲୟ (ଫର୍ମ)ବଜାୟ ରଖିବାକୁ ଚେଷ୍ଟା କରିବେ । ଏହି ସିଜନରେ ୨୦୨୬ ଏସୀୟ କ୍ରୀଡ଼ା ମଧ୍ୟ ସାମିଲ ଅଛି ।

# ଫିଫା ବିଶ୍ୱକପ : ଚୀନ୍‌କୁ ୬୦ ମିଲିୟନ ଡଲାରରେ ମିଳିଲା ପ୍ରସାରଣ ଅଧିକାର

**ଲଣ୍ଡନ(ଏନ୍.ଏମ୍.) :** ଆଗାମୀ ଫିଫା ବିଶ୍ୱକପରେ ସିଧା ପ୍ରସାରଣ ଅଧିକାର ହାସଲ କରିଛି ଚୀନ । କେବଳ ଭାରତ ବାକି ରହି ଯାଇଛି । ଚୀନକୁ ମାତ୍ର ୬୦ମିଲିୟନ ଡଲାର ମୂଲ୍ୟରେ ପ୍ରସାରଣ ଅଧିକାର ମିଳିଛି । ଚୀନରେ ବିଶ୍ୱକପର ସିଧା ପ୍ରସାରଣ ଅଧିକାର ପାଇଁ ଫିଫା ୩୦୦ମିଲିୟନ ଡଲାର ମୂଲ୍ୟ ନିର୍ଦ୍ଧାରଣ କରିଥିଲା । ଚାଇନା ମିଡ଼ିଆ ଗ୍ରୁପ୍ (ସିଏମଜି) ଏହି ମୂଲ୍ୟରେ ମୋଟ୍ ୪ଟି ଫିଫା ବିଶ୍ୱକପର ପ୍ରସାରଣ ଅଧିକାର ହାସଲ କରିଛି ।

ଆଗାମୀ ପୁରୁଷ ବିଶ୍ୱକପ୍ ବ୍ୟତୀତ ଏହି ଚୁକ୍ତିରେ ୨୦୨୭ ମହିଳା ବିଶ୍ୱକପ୍, ୨୦୩୦ ପୁରୁଷ ଓ ୨୦୩୧ ମହିଳା ବିଶ୍ୱକପ୍ ରହିଛି । ଫିଫା ସମ୍ପାଦକ ମାତିଆସ ଗ୍ରାଫଷ୍ଟ୍ରମ ସମ୍ପ୍ରତି ଚୀନ ଗସ୍ତରେ ରହିଛନ୍ତି ଓ ସିଏମଜି ସହ ବିଶ୍ୱକପ୍ ପ୍ରସାରଣ ପାଇଁ ଉଭୟ ପକ୍ଷ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ଚୀନର କିଛି କମ୍ପାନୀ ଫିଫା ବିଶ୍ୱକପର ପ୍ରାୟୋଜକ ରହିଛନ୍ତି । ଏହି ବାବଦରେ ଫିଫା ୧୧ ବିଲିୟନ ଡଲାରରୁ ଅଧିକ ଅର୍ଥ ଆୟ କରିବାକୁ ଯାଉଛି । ତେଣୁ ପ୍ରସାରଣ ଅଧିକାର ମୂଲ୍ୟ କମାଇବା ଫଳରେ ଫିଫାର କୌଣସି କ୍ଷତି ହେବ ନାହିଁ । ବିଶ୍ୱକପର ୮ଟି ମୁଖ୍ୟ ପ୍ରାୟୋଜକ ମଧ୍ୟରେ 'ଲେନୋଭୋ' ରହିଛି । ସହ ପ୍ରାୟୋଜକ ତାଲିକାରେ ଚୀନର ଡାଏରୀ ଫାର୍ମ 'ମେଙ୍ଗନିୟୁ' ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କମ୍ପାନୀ 'ହାଇସେନ୍ସ' ରହିଛନ୍ତି । ୨୦୩୦ ବିଶ୍ୱକପ୍ ସ୍ପେନ୍, ପର୍ତ୍ତୁଗାଲ ଓ ମରକ୍କୋ ମିଳିତ ଭାବେ ଆୟୋଜନ କରିବେ । କେବଳ ଗୋଟିଏ ଲେଖାଏଁ ମ୍ୟାଚ ଆୟୋଜନ କରିବା ପାଇଁ ଆର୍ଜେଣ୍ଟିନା, ଉରୁଗୁଏ ଓ ପାରାଗୁଏକୁ ମିଳିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଯୋଜନା କରାଯାଇଛି । ବ୍ରାଜିଲ୍ ୨୦୨୭ ମହିଳା ବିଶ୍ୱକପ୍ ଆୟୋଜନ କରିବ । ସେହିପରି ମେକ୍ସିକୋ, କୋଷ୍ଟାରିକା ଓ ଜାମାଇକା ମିଳିତ ଭାବେ ୨୦୩୧ ସଂସ୍କରଣ ଆୟୋଜନ କରିବେ ।




NTV NISHKARSHA
ନିଷ୍କର୍ଷ NISHKARSHA
ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗିକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ,
ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
ସର୍ଚ୍ଚ କରନ୍ତୁ
nishkarsha.com

# ପ୍ରଥମ ଶୁଭାଶିଷ କର ଓ ଶେଖ୍ ହୀରା ମେମୋରିୟାଲ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**କଟକ(ଏନ୍.ଏମ୍.) :** ପ୍ରଥମ ଦିବାରାତ୍ର ଆନ୍ତଃ କ୍ଲବ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଶୁଭାଶିଷ କର ଓ ଶେଖ୍ ହୀରାଙ୍କ ସ୍ମୃତିରେ ୟୁଥ୍ ଗ୍ୟାଲାକ୍ସି କ୍ଲବ୍, ବାଉଁଶଗଳି, କଟକ ପକ୍ଷରୁ ଦୁଇଦିନ ଧରି ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ୍‌ରେ ୮ଟି (କଟକରୁ ୬ଟି ଓ ଭୁବନେଶ୍ୱର, କେନ୍ଦ୍ରାପଡ଼ାରୁ ଗୋଟିଏ ଗୋଟିଏ) ଦଳ ଭାଗ ନେଇଥିଲେ । ପ୍ରଥମ ଦିନ ସନ୍‌ସାଇନ୍ କ୍ଲବ୍ ଓ ଚାନ୍ଦ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଚାନ୍ଦ କ୍ଲବ୍ ବିଜୟ ଲାଭ କରିଥିଲେ । ଚାନ୍ଦ କ୍ଲବ୍‌ର ପ୍ରକାଶ ନାୟକ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍‌ଟି ନଟ୍ ୟେଟ୍ କ୍ଲବ୍, ଭୁବନେଶ୍ୱର ଓ ଓନ୍ କ୍ଲବ୍ କଟକ ମଧ୍ୟରେ ହୋଇଥିଲା । ଏହି ମ୍ୟାଚ୍‌ରେ ଓନ୍ କ୍ଲବ୍ ବିଜେତା ହୋଇଥିଲା ଓ ମିଷ୍ଟର ଯାଦିଆ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ । ତୃତୀୟ ମ୍ୟାଚ୍‌ରେ ମା' ମଙ୍ଗଳା କ୍ଲବ୍, କଟକ ଓ ଚାନ୍ଦ କ୍ଲବ୍, କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା । ଏହି ମ୍ୟାଚ୍‌ରେ ମା' ମଙ୍ଗଳା କ୍ଲବ୍ ବିଜୟୀ ହୋଇଥିବାବେଳେ ସୁନୀଲ ସୋରେନ୍ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ । ଚତୁର୍ଥ ମ୍ୟାଚ୍‌ଟି ରକ୍ସ୍ଟାର୍ ସେଭେଣ୍ଟିନ୍, କଟକ ଓ ବିଡ଼ାନାସି କ୍ଲବ୍, କଟକ ମଧ୍ୟରେ ଏହି ମ୍ୟାଚ୍‌ରେ ରକ୍ସ୍ଟାର୍ କ୍ଲବ୍ ବିଜୟୀ ହୋଇଥିବାବେଳେ ଏସ୍.କେ. ନୌୱାଜିସ୍ ନୁର୍ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ । ସେହିଭଳି ଦ୍ୱିତୀୟ ଦିନ ପ୍ରଥମ ସେମି




ଫାଇନାଲ୍ ମ୍ୟାଚ୍ ଚାନ୍ଦ କ୍ଲବ୍, କଟକ ଓ ମା' ମଙ୍ଗଳା କ୍ଲବ୍, କଟକ ମଧ୍ୟରେ ହୋଇଥିଲା । ଏହି ମ୍ୟାଚ୍‌ରେ ମା ମଙ୍ଗଳା କ୍ଲବ୍ ବିଜୟୀ ହୋଇ ଫାଇନାଲ୍ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଗଣେଶ ସେଠୀ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ । ଦ୍ୱିତୀୟ ସେମି ଫାଇନାଲ୍‌ଟି ଓନ୍ କ୍ଲବ୍, କଟକ ଓ ରକ୍ସ୍ଟାର ସେଭେଣ୍ଟିନ୍ ମଧ୍ୟରେ ହୋଇଥିଲା । ଏହି ମ୍ୟାଚ୍‌ରେ ରକ୍ସ୍ଟାର୍ ସେଭେଣ୍ଟିନ୍ ପେନାଲ୍‌ଟି ସୁଟ୍ ଆଉଟ୍‌ରେ ବିଜୟ ଲାଭ କରିଥିବାବେଳେ ଶେଖ୍ ଅର୍‌ମାନ ମ୍ୟାନ୍ ଅଫ ଦ ମ୍ୟାଚ୍ ହୋଇଥିଲେ । ପ୍ୟାରୀମୋହନ ଏକାଡେମୀ ପଡ଼ିଆଠାରେ ଖେଳା ଯାଇଥିବା ଶୁଭାଶିଷ କର ଓ ସେଖ୍ ହୀରା ମେମୋରିୟାଲ୍ କପ୍‌ର ଫାଇନାଲ୍ ମ୍ୟାଚ୍‌ରେ ମା' ମଙ୍ଗଳା କ୍ଲବ୍, କଟକ, ରକ୍ସ୍ଟାର୍ ସେଭେଣ୍ଟିନ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ଚମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା । ଏହି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍‌ରେ ମୁଖ୍ୟଅତିଥିଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ସମ୍ମାନିତ ଅତିଥିଭାବେ ପିସିସି ସାମାଜିକ ଗଣମାଧ୍ୟମ ଅଧକ୍ଷ ବିଶ୍ୱଜିତ୍ ମହାନ୍ତି ଓ କଟକ ମହାନଗର ନିଗମ ୱାର୍ଡ ନଂ ୧୭ର କର୍ପୋରେଟର ଏ. ଶ୍ରୀଦେବୀ ଯୋଗଦେଇ ଚମ୍ପିୟନ୍ ଦଳକୁ ଶୁଭାଶିଷ କର ମେମୋରିୟାଲ୍ କପ୍, ଉପ-ବିଜେତା ଦଳକୁ ଶେଖ୍ ହୀରା ମେମୋରିୟାଲ୍ କପ୍, ଶ୍ରେଷ୍ଠ ଗୋଲ୍ କିପର୍‌ଭାବେ ଦେବଜିତ୍ ସିଂହ, ଶ୍ରେଷ୍ଠ ରକ୍ଷକ ଭାବେ ଶେଖ୍ ନୱାଜିସ୍ ନୁର୍, ଶ୍ରେଷ୍ଠ ମଧ୍ୟ ଭାଗ ଖେଳାଳିଭାବେ ଚନ୍ଦନ ଦାସ, ଶ୍ରେଷ୍ଠ ଫର୍‌ୱାର୍ଡ ଭାବେ ଗଣେଶ ସେଠୀ, ପ୍ଲେୟାର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ସୁନୀଲ ସୋରେନଙ୍କୁ ପୁରସ୍କୃତ କରିଥିଲେ । ଏହି ଖେଳଟିକୁ ରେଫରି ଭାବେ ପରିଚାଳନା କରିଥିଲେ ସଞ୍ଜୀବ ଦାସ, ସେଖାୱତ୍ ଖାନ୍, ବାବୁନା ଭୋଇ, ଆଶୀର୍ବାଦ କାନୁନ୍‌ଗୋ, ଶେଖ୍ ହାୟାତ୍, ମ୍ୟାଚ୍ କମିଶନର ଭାବେ ମହମ୍ମଦ ଜହୁରୀ ଓ ଫିଜିଓ ଭାବେ ରାଜ୍‌ଦୀପ୍ ଦାସ । ପ୍ରତ୍ୟେକ ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦ ମ୍ୟାଚ୍, ଶ୍ରେଷ୍ଠ ଖେଳାଳି, ଗୋଲ କିପର୍, ଫର୍‌ୱାଡ୍, ଡିଫେଣ୍ଡର, ମିଡ୍ ଫିଲ୍‌ଡର, ପ୍ଲେୟାର୍ ଅଫ ଦ ମ୍ୟାଚ୍ ଚୟନ କମିଟିରୁ ଥିଲେ ଆଶୀଷ ନନ୍ଦୀ, ଋଷି ବେହେରା, ଜୁଲିଆ ସାହୁ, ମହମ୍ମଦ ସାଜିଦ୍ । ପ୍ରତ୍ୟେକ ମ୍ୟାଚ୍‌ରେ ଅତିଥି ଓ ଟୁର୍ଣ୍ଣାମେଣ୍ଟର ପରିଚାଳନାରେ ଆଗା ଜାହିର୍, ଏମ୍.ଏନ୍. ରାଓ, ଅମରେନ୍ଦ୍ର ସିଂହ, ଶରତ ବେହେରା, କୈଳାଶ ଚନ୍ଦ୍ର ସାହୁ, ପୂର୍ଣ୍ଣ ଭାଇ, କାଟି ଭାଇ, ମମତାଜ୍ ଖାନ୍, ମହମ୍ମଦ ଅଞ୍ଜୁମ୍, ଏଶାନ୍, କାଲା ବାବୁ, ବିଜୟ କୁମାର ମହାପାତ୍ର, ନିୟାଜ୍ ଅଲ୍ଲୀ, ମୁସ୍ତକିମ୍, ଅଫ୍‌ତବ୍, ତଡ଼ିତ କୁମାର ରାଉତ, ଶେଖ୍ ର୍ଟିକ୍, ଶେଖ୍ ଜାହିର୍, ଶେଖ୍ କମଲଉଦ୍ଦୀନ, ଶିବାଶିଷ କର, ଆଲ୍‌ଭିନା କର, ଲଭ୍‌ଲିନା କର, ଗୌରବ କର, ସାଇଶିବ କର ଓ ଅଭିନବ କର । ଦିବାରାତ୍ର ମ୍ୟାଚ୍‌ର ଶେଷରେ ମହମ୍ମଦ ଇମ୍‌ତିୟାଜ୍ ଜାହିର୍ ଧନ୍ୟବାଦ ଅର୍ପଣ କରିଥିଲେ ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ